ସକାଳ THE SAKALA



www.sakalaepaper.com

# ଅର୍ଥର ଅପବ୍ୟବହାର | କଂକ୍ରିଟ୍ ଉପରେ ନିର୍ମାଣ ଚାଲିଛି କଂକ୍ରିଟ୍ ରାସ୍ତା

ଯାଜପୁର, ୧୪।୨(ସମିସ)

ଖଣି ପ୍ରଭାବିତ ଅଞ୍ଚଳରେ ଗମନାଗମନକୁ ସୁଗମ କରିବା ଲକ୍ଷ୍ୟରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି।ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି।କିନ୍ତୁ ଉକ୍ତ ଅର୍ଥର ସଦ୍‌ବିନିଯୋଗ ହେଉ ନ ଥିବା ଦେଖିବାକୁ ମିଳୁଛି। କେତେକ ସ୍ଥାନରେ ଢ଼ଳେଇ ରାସ୍ତା ଉପରେ ଢ଼ଳେଇ ରାସ୍ତା ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତର ମୂଳଖମ୍ବ ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗାଁରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ଯାହାକି ପୂର୍ବରୁ ପଞ୍ଚାୟତ ସମିତି ସୁକିନ୍ଦା ଓ



ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୁଇଥର କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ଏବେ ଡିଏମଏଫ୍ ଅନୁଦାନରୁ ରାସ୍ତା ନିର୍ମାଣ କରାଯାଉଛି। ପ୍ରଥମ କାର୍ଯ୍ୟାଦେଶରେ କିଛି ବର୍ଷ ପୂର୍ବେ ଚାରିଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ରାସ୍ତା ନିର୍ମାଣ କରାଯାଇଥିବାବେଳେ କରୋନା ମହାମାରୀ ଅର୍ଥାତ ୨୦୨୦ରେ ପନ୍ଦର ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ସହ ରାସ୍ତା ନିର୍ମାଣ ହୋଇଥିଲା। ଯେଉଁ ରାସ୍ତାଟି ବର୍ତ୍ତମାନ ମଧ୍ୟ ଭଲ ରହିଛି। ଯୋଜନାବଦ୍ଧ ଭାବେ ବିଭାଗୀୟ ଜେଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ କିଛି ରାଜନୈତିକ ବ୍ୟକ୍ତି କାର୍ଯ୍ୟକାରୀ ପ୍ଲାନରେ ଜିଲ୍ଲା ଖଣିଜ ପାଣ୍ଠିରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ବ୍ୟୟ ଅଟକଳ କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ଯାହା କଂକ୍ରିଟ ଉପରେ କେବଳ କିଛି ବାଲି, ଗୋଡି, ଚିପ୍ସ ଢାଳି ନିମ୍ନମାନର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି।

ଏ ରାସ୍ତା ଦେଇ ବିଗତ ଦିନରେ ଦୁଇଟି ବର୍ତ୍ତମାନ ଗୋଟିଏ ରାସ୍ତା ମିଶାଇଲେ ତିନୋଟି ରାସ୍ତା ନିର୍ମାଣ ହେଉଛି। କିନ୍ତୁ କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ନ ଥିବାବେଳେ କାର୍ଯ୍ୟସ୍ଥଳକୁ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ପାଦ ପଡୁ ନ ଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥଳେ କଂକ୍ରିଟ ଉପରେ କଂକ୍ରିଟ ସରକାରୀ ଯୋଜନା ପରେ ଜିଲ୍ଲା ଖଣିଜ ପାଣ୍ଠିରୁ ବ୍ୟୟ ବରାଦ କରି କାର୍ଯ୍ୟକାରୀ କରିବା ନିର୍ବାହୀ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ସ୍ପଷ୍ଟ ବାରି ହୋଇପଡୁଛି। ଏଥିପାଇଁ ସ୍ଥାନୀୟ ବିଡିଓ, ଜିଲ୍ଲାପାଳ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କଂକ୍ରିଟ ଉପରେ କଂକ୍ରିଟ କରିବାକୁ କିଏ ଓ କିପରି ଅନୁମତି ଦେଲେ ଓ ବିନା ପଲ୍ଲୀ ସଭା, ସୂଚନା ଫଳକରେ କିଭଳି କାହା ଚାପରେ କାର୍ଯ୍ୟ ଆରମ୍ଭ କରାଗଲା; ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମହୁଲିମଦ ଜବତ, ବେପାରୀ ଗିରଫ

**ପାଣିକୋଇଲି, ୧୪।୨(ସମିସ):** ପାଣିକୋଇଲି ପୁଲିସ ଦେଶୀ ମହୁଲିମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସନ୍ଧ୍ୟା ପେଟ୍ରୋଲିଂ ସମୟରେ ଚୋରା ମଦ ବିକ୍ରି ଖବର ପାଇ ପୁଲିସ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ଛକରେ ଚଢ଼ଉ କରିଥିଲା। ସନ୍ଦେହଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଧରିବା ପରେ ତା'ନିକଟରୁ ଦୁଇଟି ଧଳା ଜାର୍‌ରେ ୧୦ ଲିଟର ଦେଶୀ ମହୁଲିମଦ ଥିବାଦେଖି ତାକୁ ଧରିଥିଲା। ସେ ତଣ୍ଡରା ଗ୍ରାମର ସ୍ୱର୍ଗତ ନବଘନ ଦଳାଇଙ୍କ ପୁଅ ବାବୁଲି ଓରଫ ଶିଶିର ଦଲେଇ (୪୦) ବୋଲି ଏଏସଆଇ ସୁଜିତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ସ୍କୁଟି ଆରୋହୀ ଆହତ

**ପାଣିକୋଇଲି, ୧୪।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କାଜିପାଟଣା ଗ୍ରାମ ନିକଟରେ ସ୍କୁଟିରେ ଜଣେ ବ୍ୟକ୍ତି ଯାଉଥିବାବେଳେ ବାଛୁରୀ ପଶିଯିବାରୁ ସ୍କୁଟି ଆରୋହୀ ଆହତ ହୋଇଛନ୍ତି। ପଥରପଦା ପଞ୍ଚାୟତ ଅନ୍ତର୍ଗତ ବଡବରୁଣାଇପଦା (ନୂଆଗାଁ) ଗ୍ରାମର ରଞ୍ଜନ କୁମାର ଦାସ ଆଜି ଅପରାହ୍ନରେ ପାଣିକୋଇଲି ବଜାରରେ ଥିବା ଦୋକାନରୁ ଘରକୁ ଯାଉଥିବାବେଳେ ତାଙ୍କ ସ୍କୁଟି ଆଗକୁ ଏକ ବାଛୁରୀ ଚାଲିଆସିବାରୁ ଧକ୍କା ହୋଇ ତଳେ ପଡ଼ିଯାଇଥିଲେ। ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସ୍ଥାନୀୟ ଏକ ନର୍ସିଂହୋମରେ ଚିକିତ୍ସା କରାଇଥିଲେ।

## ଗୋ-ଚାଲାଣ; ଅଭିଯୁକ୍ତଙ୍କ ଗିରଫ ଦାବି

**ପାଣିକୋଇଲି, ୧୪।୨(ସମିସ):** ପାଣିକୋଇଲି ଥାନାରୁ ଗୋ-ଚାଲାଣ ଗାଡ଼ି ହାଇଜାକ କରି ଅର୍ଥ ମାଗିବା ମାମଲାରେ ଗିରଫ ହୋଇ ୩ ଅଭିଯୁକ୍ତ ଜେଲ୍‌ରେ ଅଛନ୍ତି। ତେବେ ଏହି ର୍‌ୟାକେଟ୍‌ରେ ୨୦ରୁ ଊର୍ଦ୍ଧ୍ୱ ଗୋରୁ ମାଫିଆଙ୍କ ସମ୍ପୃକ୍ତି ଓ ଥାନାର କେତେକ ଅସାଧୁ କର୍ମଚାରୀ ସମ୍ପୃକ୍ତ ଥିବା ବଜରଙ୍ଗ ଦଳ ଅଭିଯୋଗ କରିଛି। ଦଳ ପକ୍ଷରୁ ସେମାନଙ୍କୁ ଗିରଫ ଦାବି କରାଯାଇଛି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ବାରବାଟୀ, ୧୪।୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ଅଣ୍ଡେଇଗୋଡା ଗ୍ରାମର ଧର୍ମପରାୟଣ ତଥା ସମାଜସେବୀ ବିରୋଧିଙ୍କ ନାୟକ (୮୨)ଙ୍କ ଦେହାନ୍ତ ଘଟିଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ଓଡିଶୋ ପଞ୍ଚାୟତ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ଭଣଜାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ଗ୍ରାମ ପରିକ୍ରମଣ କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ଅଭିମନ୍ୟୁ ମୁଖାଗ୍ନି ଦେଇଥିଲେ।

## ବ୍ରଜସୁନ୍ଦର ଅସନପୁର ପଞ୍ଚାୟତ ବିଜେଡି ସଭାପତି



**କଇଁଗୋଲା, ୧୪।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଅସନପୁର ପଞ୍ଚାୟତ ସଭାପତି ଭାବେ ବ୍ରଜସୁନ୍ଦର ଦାସଙ୍କୁ ନିଯୁକ୍ତ କରାଯାଇଛି। ସେ ପୂର୍ବରୁ ପ୍ରଧାନ ଶିକ୍ଷକ ଭାବେ ଆଉଁରୀ, ବାମଦେବପୁର ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେବା ପରେ ଏବେ ପଞ୍ଚାୟତର ବିଜେଡି ସଭାପତି ଭାବେ ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ତାଙ୍କ ନାମକୁ ସୁପାରିଶ କରାଯାଇଥିବାରୁ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷା ଝିଲ୍ଲି ମଲ୍ଲିକ, ସରପଞ୍ଚ କାଞ୍ଚନ ମଲ୍ଲିକ, ବିଂଝାରପୁର ନିର୍ବାଚନ ମଣ୍ଡଳୀ ସଭାପତି ପ୍ରଭାତ ଚନ୍ଦ୍ର ଦାସ, ସତ୍ୟପିୟ ମହାନ୍ତି, କାଶୀନାଥ ମଲ୍ଲିକ, ପ୍ରମୋଦ କୁମାର ମହାପାତ୍ର, ରୋହିତ ଦାସ, ବିରଞ୍ଚି ନାରାୟଣ ଦାସ, ରାଜାରାମ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଡାକ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଟମକା, ୧୪।୨(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଡଙ୍କାରିସାହି ଓ କିଆଝରର ଡାକ ବିଭାଗରେ କାର୍ଯ୍ୟ କରୁଥିବା ରବୀନ୍ଦ୍ର କୁମାର ଶିଅଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଯାଜପୁରରୋଡ଼ର ମୁଖ୍ୟ କାର୍ଯ୍ୟାଳୟ ଅଧୀନସ୍ଥ ଡଙ୍କାରିସାହି, ନଛିପୁରା, ଚିତ୍ରୀ, ଗୋବର୍ଦ୍ଧନପୁର, ଓସ୍ତପାଳ, କଂସ, ବାଙ୍ଗରକୋଟା ଓ କିଆଝରର ସମସ୍ତ ଡାକବିଭାଗ କର୍ମଚାରୀଙ୍କ ମିଳିତ ସହଯୋଗରେ ଟମକା ପାର୍କ ପାଖରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ରବୀନ୍ଦ୍ର ଶିଅଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ଶିଅଳ ଜଣେ ଭଗବତପ୍ରେମୀ ସହିତ ମେଳାପି ବ୍ୟକ୍ତି ଥିଲେ। ଏହି ଉତ୍ସବରେ ଦୁର୍ଗାଚରଣ ମୁର୍ମୁ, ବର୍ଷାରାଣୀ ସାହୁ, ସୋନାଲି ସାହୁ, ଗଣେଶ୍ୱର ମହାନ୍ତ, ଶିଶିର ରାଉତ, ବିଶ୍ୱଜିତ ନାୟକ, ଜବାହର ମହାନ୍ତଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଏମ୍ଏମ୍ ଜିପି ବିଦ୍ୟାଳୟର ପ୍ରକୃତି ଶିବିର

**ମଇଁନ୍ଦା, ୧୪।୨(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମୁରଲୀଧର ମେମୋରିଆଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ, ଜିଲ୍ଲା କାର୍ଯ୍ୟକାରିଣୀ ଓ ମୂଲ୍ୟାୟନ ଜାତୀୟ ସବୁଜ ବାହିନୀ ଆନୁକୂଲ୍ୟରେ ଓ ଜଙ୍ଗଲ ପରିବେଶ ବିଭାଗ ସହଯୋଗରେ ଓଳାଶୁଣୀଠାରେ ଏକଦିବସୀୟ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଇକୋ କ୍ଲବର ଛାତ୍ରଛାତ୍ରୀ ପ୍ରକୃତି ଅଧ୍ୟୟନ କରିବା ସହିତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ସହିତ





ଏହାର ଉପାଦେୟତା ଅନୁଭବ କରିଥିଲେ। ଏହା ସୁରକ୍ଷା ପାଇଁ ଅଙ୍ଗୀକାରବଦ୍ଧତା ହୋଇଥିଲା। ବଣ ଓ ଭୋଜି ସ୍ଥଳ ସଫା କରିବା, ରାସ୍ତା, ମେଳା ବସିଥିବା ସ୍ଥାନ ପ୍ଲାଷ୍ଟିକ ମୁକ୍ତ କରାଯାଇଥିଲା। ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ଗୀତନାଟ ମାଧ୍ୟମରେ ଦୁଇଚକିଆ ଓ ଚାରିଚକିଆ ଚାଳକଙ୍କୁ ସଚେତନ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ଆର୍ଯ୍ୟନାରାୟଣ ପଣ୍ଡା, ଇନ୍ଦ୍ରମଣି ପଣ୍ଡା, ମିନାକ୍ଷୀ ଦାଶ, ଅକ୍ଷୟ କୁମାର ମଲ୍ଲିକ, ସମସ୍ତ ଶିକ୍ଷକ ଓ ୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜାତୀୟ କାର୍ଯ୍ୟକାରିଣୀ ମୂଲ୍ୟାୟନ କମିଟି ଆବାହକ ଡଃ ଶରତ କୁମାର ସାହୁ ପ୍ରୋଗ୍ରାମ ଅଧିକାରୀ ପ୍ରଭାତ ମୋହନ ଦାସ, ସସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।

## ଜନଇସ୍ତାହାର ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ୟାସନଗର/ଶଙ୍ଖଚିଲା, ୧୪।୨(ସମିସ)



କୋରେଇ ଉନ୍ନୟନ ପରିଷଦ ପକ୍ଷରୁ ଗତ ୯ ତାରିଖଠାରୁ ଆରମ୍ଭ ହୋଇଥିବା ଜନ ଇସ୍ତାହାର ଅଭିଯାନ ଲକ୍ଷ୍ମୀନଗର ପଞ୍ଚାୟତ ମା' ହିଙ୍ଗୁଳା ପୀଠରେ ଶେଷ ହୋଇଛି। ୨୯ଟି ଜନଶୁଣାଣି ଓ ପଥପ୍ରାନ୍ତ ସଭା ମାଧ୍ୟମରେ ସମୁଦାୟ ୪୭୭ଟି ଅଭିଯୋଗ ହସ୍ତକ୍ଷେପ ହୋଇଥିଲା। ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ପାନୀୟଜଳ, ଗାଁକୁ ପକ୍କା ରାସ୍ତା, ଜମିକୁ ଜଳସେଚନ, ବନ୍ୟାଜଳ ନିଷ୍କାସନ, ମତ୍ସ୍ୟଜୀବୀଙ୍କୁ ଉପକରଣ, ମହିଳାଙ୍କୁ ରୋଜଗାର ମାଧ୍ୟମ, ଆଇନଶୃଙ୍ଖଳା ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଠିକ ବଣ୍ଟନ, ଉପଯୁକ୍ତ ହିତାଧିକାରୀଙ୍କୁ ରାସନ କାର୍ଡ ଓ ସାମାଜିକ ନିରାପତ୍ତା ଭତ୍ତା, ବିଦ୍ୟାଳୟ ପୁନଃକ୍ଷମ ଓ ଶିକ୍ଷକ ଅଭାବ, ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଆଦି ଦରଖାସ୍ତ ହସ୍ତଗତ ହୋଇଥିଲା। କୋରେଇ ଉନ୍ନୟନ ପରିଷଦର ମୁଖ୍ୟ ଉପଦେଷ୍ଟା ମନୋଜ ଜେନାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ନିଆରା ଅଭିଯାନ ଆଗାମୀ ଦିନରେ ଗାଁ ଓ ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟାକୁ ସମାଧାନ କରିବା ଦିଗରେ ସହାୟକ ହୋଇପାରିବ ବୋଲି ଉଦଯାପନୀ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଏହି ସମସ୍ୟାକୁ ଏକ ପୁସ୍ତିକା ମାଧ୍ୟମରେ ସମସ୍ତ ରାଜନୈତିକ ଦଳକୁ ପ୍ରଦାନ କରି ତାଙ୍କ ନିର୍ବାଚନୀ ଇସ୍ତାହାରରେ ସାମିଲ କରିବାକୁ ଅନୁରୋଧ କରିବା ସହ ସରକାରୀ ଓ ବେସରକାରୀ ସ୍ତରରେ ସମାଧାନ ପାଇଁ ଉଦ୍ୟମ କରାଯିବ। ଏହି ଅଭିଯାନରେ କୋରେଇ ଉନ୍ନୟନ ପରିଷଦର ଶତାଧିକ ସଭ୍ୟସଭ୍ୟା, ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ସହ ଗାଁରେ ରାତ୍ରୀଯାପନ କରିଥିଲେ। ଏହି ଟିମ୍‌ରେ ପରିଷଦର ସଭାପତି ଶ୍ରୀଧର ଦାସ, ସାଧାରଣ ସମ୍ପାଦକ ଆଲୋକ ଦାଶ, ଉପଦେଷ୍ଟା ମଦନମୋହନ କର, କୈଳାସ ଚନ୍ଦ୍ର ସାମଲ, ନୃସିଂହ ଚରଣ ଦଳେଇ, ଅମୂଲ୍ୟ କୁମାର ଦାସ, ଅଶ୍ୱିନୀ କୁମାର ଦାସ, ବସନ୍ତ କର, ପ୍ରସନ୍ନ ସ୍ୱାଇଁ, ଜଳଧର ଜେନା ପ୍ରମୁଖ ସାମିଲ ଥିଲେ।

## ଲିଟିଲ୍ ଆଞ୍ଜେଲ ସ୍କୁଲର ବାର୍ଷିକ ଉତ୍ସବ



ଦାନଗଦି, ୧୪।୨(ସମିସ)

ଦାନଗଦିର ଡକ୍ଟର ତାହିର ଲିଟିଲ ଆଞ୍ଜେଲ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଛି। ଆରମ୍ଭରୁ ସ୍ୱାଗତ ସମ୍ଭାଷଣ ପ୍ରତିଷ୍ଠାତା ଶିକ୍ଷାବିତ ତଥା ଚେୟାରମ୍ୟାନ ଡକ୍ଟର ଏସଏ ଅବୁ ତାହେର ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବକୁ ମୁଖ୍ୟଅତିଥି ଭାବେ ପ୍ରଫେସର ଡକ୍ଟର ଗଙ୍ଗାଧର ନାୟକ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବଟକୃଷ୍ଣ ମହାରଣା, ସମ୍ମାନିତ ଅତିଥି ଭାବେ ଡକ୍ଟର କୁଳମଣି ବାରିକ, ଶ୍ରୀମତୀ ମମତା ମହାନ୍ତି, କିଡ୍ସ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମହାନ୍ତି ଯୋଗଦେଇ ବିଦ୍ୟାଳୟର ୯ ବର୍ଷର ସଫଳତାକୁ ପ୍ରଶଂସା କରିଥିଲେ। ଚିକିତ୍ସା କ୍ଷେତ୍ରରେ ଶ୍ରେଷ୍ଠ ଅବଦାନ ପାଇଁ ଡକ୍ଟର କୁଳମଣି ବାରିକ ଓ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ଅବଦାନ ପାଇଁ ଶ୍ରୀମତୀ ମମତା ମହାନ୍ତିଙ୍କୁ ଦାନଗଦି ସମ୍ମାନରେ ସମ୍ମାନିତ କରାଯାଇଥିଲା। ନିର୍ଦ୍ଦେଶକ ତାରିକ ଅଜିଜ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସବନମ ଆରା ଓ କୁମୁଦିନୀ ବେହେରା ମଞ୍ଚ ପରିଚାଳନା କରିଥିଲେ।

ଏ ଅବସରରେ ବିଦ୍ୟାଳୟରେ ମୁକ୍ତମଞ୍ଚ (ଅବଦୁଲ କଲାମ ଏରିନା)କୁ ମଧ୍ୟ ଉଦଘାଟନ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀ ଶ୍ରେୟା ଦେବସ୍ମୃତି, ମୁସ୍କାନ ପରବିନ, ଶୁଭ୍ରଜିତ ଜେନାମଣି, ଏସକେ ରିଜୱାନ, ପ୍ରଣତି ବାରିକ, ଲକ୍ଷ୍ମୀପ୍ରିୟା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସିଦ୍ଧେଶ୍ୱର ଶୈବପୀଠ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

ଦଶରଥପୁର, ୧୪।୨(ସମିସ): ପୁଣ୍ୟତୋୟା ବୈତରଣୀ ନଦୀ ତୀଟବର୍ତ୍ତୀ ପ୍ରସିଦ୍ଧ ସିଦ୍ଧେଶ୍ୱର ଶୈବ ପୀଠରେ ଆନ୍ତର୍ଜାତିକ ସତ୍ୟଚେତନା ଆଧ୍ୟାତ୍ମିକ ଆନ୍ଦୋଳନର ପ୍ରତିଷ୍ଠାତା ସ୍ୱାମୀ ଶ୍ରୀ ଆତ୍ମାନନ୍ଦଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ସଂସ୍କୃତି ଗବେଷକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ହରିହର କାନୁନ୍‌ଗୋ ମୁଖ୍ୟଅତିଥି, ଗୌହାଟୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ଶିଶିର କୁମାର ଦାସ ମୁଖ୍ୟବକ୍ତା ଓ ଭୁବନେଶ୍ୱରସ୍ଥ ସତ୍ୟଚେତନା କାର୍ଯ୍ୟାଳୟର ମୁଖ୍ୟ ନଳିନୀକାନ୍ତ ପଟ୍ଟନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଧନେଶ୍ୱର ସାହୁ, ଯଜ୍ଞ କମିଟି ମୁଖ୍ୟ ସର୍ବେଶ୍ୱର ମହାପାତ୍ର, ପ୍ରସାର ଅଧିକାରୀ ଅଶୋକ ଗଜେନ୍ଦ୍ର, ବିଶିଷ୍ଟ ସମାଜସେବୀ ଦେବେନ୍ଦ୍ର କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ, ଶିକ୍ଷାବିତ ଦୀନବନ୍ଧୁ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଠାରେ ବୈତରଣୀ ନଦୀ ଉତ୍ତର ବାହିନୀ ଓ ଶିବଲିଙ୍ଗ ହରିହର-ଏକାମ୍ର ରୂପେ ପୂଜିତ ହେଉଥିବାରୁ ଏହି ସ୍ଥାନ ଯଜ୍ଞ ପାଇଁ ଅତ୍ୟନ୍ତ ଉପଯୋଗୀ ବୋଲି ଅତିଥିମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଜଗମୋହନ ଦୀକ୍ଷିତ, ସମାଜସେବୀ ଚନ୍ଦ୍ରନାରାୟଣ ସାହୁ, ଆବାହକ ପ୍ରୀତମ ରାଉତ, ଶିକ୍ଷାବିତ୍ ପ୍ରସନ୍ନ ନାୟକ, ସେବାୟତ ମଦନମୋହନ ଦୀକ୍ଷିତ, ମନୋଜ ଦାସ, ପ୍ରଶାନ୍ତ କୁମାର ସାହୁ, ଦିଗମ୍ବର ଦୀକ୍ଷିତ, ବାବାଜୀ ନାଥ, ସମାଜସେବୀ ଶ୍ୟାମସୁନ୍ଦର କର ପ୍ରମୁଖ ଯୋଗଦେଇ ପ୍ରସ୍ତୁତି କମିଟି ଗଠନ କରାଯାଇ ଯଜ୍ଞର ତାରିଖ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ବଟ ମହାବୀରଙ୍କ ଜନ୍ମୋତ୍ସବ

**କବାଟବନ୍ଧ, ୧୪।୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧସ୍ଥ ଶ୍ରୀଶ୍ରୀ ବଟ ମହାବୀରଙ୍କ ପ୍ରଥମ ବାର୍ଷିକ ଜନ୍ମୋତ୍ସବ ପାଳିତ ହେଉଛି। ୧୧ ତାରିଖରୁ ଚାରିଦିନ ବ୍ୟାପି ଅନୁଷ୍ଠିତ ଯଜ୍ଞ ଉତ୍ସବରେ ରୀତିନୀତି ଅନୁଯାୟୀ ବିଭିନ୍ନ ପୂଜା କରାଯାଉଛି। ରବିବାର ଅଙ୍କୁରାରୋପଣ କରାଯାଇଥିଲା। ବ୍ରାହ୍ମଣୀ ନଦୀରୁ ୧୦୮ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମଣ୍ଡପ ପ୍ରବେଶ କରାଯାଇଥିଲା। ମୁଖ୍ୟ କଳସ କାର୍ଯ୍ୟ ଆଲୋକ ସାହୁ ସମ୍ପାଦନ କରିଥିଲେ। ୪ ଜଣ ପଣ୍ଡିତଙ୍କ ଦ୍ୱାରା ପ୍ରତ୍ୟେକ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା, ସୁନ୍ଦରା କାଣ୍ଡ, ଆଳତି, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ସଙ୍କଟ ମୋଚନ ବଟ ମହାବୀରଙ୍କ ଆଶୀର୍ବାଦ ଲାଭ କରୁଛନ୍ତି।

## ସମବାୟବିତ୍ ବଟକୃଷ୍ଣ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା

**ଧର୍ମଶାଳା, ୧୪।୨(ସମିସ):** ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁରର ଆଦର୍ଶ ସମବାୟବିତ୍ ବଟକୃଷ୍ଣ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ବାସଭବନରେ ସରୋଜିନୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଡଃ ଚିତ୍ତରଞ୍ଜନ ମହାନ୍ତିଙ୍କ ଆବାହକତ୍ୱ ଓ ସମାଜସେବୀ କାହ୍ନୁଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଣ୍ଡିତ କାମଦେବ ଶତପଥୀ ମୁଖ୍ୟଅତିଥି, ପୂର୍ବତନ ଶିକ୍ଷାବିତ ଡଃ ରାଜକିଶୋର ପାଢ଼ୀ ମୁଖ୍ୟବକ୍ତା, ଡଃ ପ୍ରଶାନ୍ତ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଏ ଅବସରରେ ଶିକ୍ଷା, କଳା, ସମାଜସେବା ଆଦି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଶ୍ୟାମସୁନ୍ଦର ତ୍ରିପାଠୀ, ତ୍ରୈଲୋକ୍ୟ ଶତପଥୀ, ଗୋପୀନାଥ ମିଶ୍ର, ଲୋକନାଥ ମିଶ୍ର, ଦୁଃଖିଶ୍ୟାମ ବଳ, ନାରାୟଣ ସାହୁ, ଲକ୍ଷ୍ମଣ ତ୍ରିପାଠୀ ଓ କୈଳାସ ନନ୍ଦ ପ୍ରମୁଖଙ୍କୁ ଗ୍ରାମର ଭୂମିପୁତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସମାଜସେବୀ ଶିକ୍ଷାବିତ ଡକ୍ଟର ଚିତ୍ତରଞ୍ଜନ ମହାନ୍ତିଙ୍କ ରଚିତ କବିତା ସଂକଳନ ସନ୍ତ ସରୋଜିନୀ ପୁନଃଲୋକାର୍ପଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶାନ୍ତ ସାହୁ, ବିନୋଦ ଚିନାରା, ପ୍ରେମଲତା ମହାରଣା, ସାମ୍ବାଦିକ ଅଖିଳ ସ୍ୱାଇଁ, ବିବେକ ରାୟ, ଦୀନବନ୍ଧୁ ତ୍ରିପାଠୀ, ପ୍ରବୋଧ ମହାନ୍ତି, ରାମଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଇଂ ସିଦ୍ଧାର୍ଥ ସ୍ୱଚ୍ଛନ୍ଦୀପ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁରେଶ କର ଧନ୍ୟବାଦ ପ୍ରଦାନ କରିଥିଲେ।

## ଦଶରଥପୁର ବ୍ଲକ୍‌ରୁ ଶ୍ରୀକ୍ଷେତ୍ର ଗଲା ଗୁଆ ଓ ଚାଉଳ

**ଦଶରଥପୁର, ୧୪।୨ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତେ ପଞ୍ଚାୟତ ସ୍ତରରେ ଜଗନ୍ନାଥ ଅର୍ପଣ ରଥ ବୁଲିଥିଲା। ଦଶରଥପୁର ବ୍ଲକର ୩୫ଟି ପଞ୍ଚାୟତରେ ଏହି ଅର୍ପଣ ରଥ ବୁଲିଥିବାବେଳେ ଶ୍ରଦ୍ଧାଳୁ ଅର୍ପଣ ରଥରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାଉଳ, ଗୁଆ, ନଡ଼ିଆ ଓ ଅର୍ଥ ପ୍ରଦାନ କରିଥିଲେ। ପରିକ୍ରମା ଲୋକାର୍ପଣ ହେବା ପରେ ବିଭିନ୍ନ ପଞ୍ଚାୟତରୁ ଭକ୍ତ ଦେଇଥିବା ଏସବୁ ସାମଗ୍ରୀ ଓ ଅର୍ଥ ବ୍ଲକ ପ୍ରଶାସନର ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ପ୍ରଶାସନ ବ୍ଲକରେ ଜମା କରିଥିଲା। ଚାଉଳ, ନଡ଼ିଆ, ଗୁଆ ଆଦିକୁ ବ୍ଲକ ପ୍ରଶାସନ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ଶ୍ୟାମସୁନ୍ଦରଜୀଉ ମଠ ପରିସରରେ ଅସ୍ଥାୟୀ ଭାବେ ଜମା କରି ରଖିଥିବାବେଳେ ମଙ୍ଗଳବାର ବ୍ଲକ ପ୍ରଶାସନ ଏକ ଟ୍ରକ୍ ଯୋଗେ ୬୭.୫ କ୍ୱିଣ୍ଟାଲ ଚାଉଳ ଓ ୩୬ ହଜାର ୫୦୦ ଟଙ୍କାକୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟକୁ ପଠାଯାଇଛି।



## ପ୍ରଶାସନିକ ଅଧିକାରୀଙ୍କ ତ୍ରୁଟି; ଆବାସରୁ ବଞ୍ଚିତ ରମେଶ

ବରୀ, ୧୪।୨(ସମିସ)



ଗରିବ ନିରାଶ୍ରୟ ବ୍ୟକ୍ତିଙ୍କ ପରିବାର ପକ୍କାଘର ପାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ପ୍ରକୃତ ହିତାଧାକାରୀ ପାଉଛନ୍ତି କି ନାହିଁ ତା'ର ତଦାରଖ ପାଇଁ ଦକ୍ଷ ସରକାରୀ ଅଧିକାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। ଅତି ଚତୁରତାର ସହ ଥିଲାବାଲା ଏହି ଯୋଜନାର ଫାଇଦା ଉଠାଉଥିବାବେଳେ ଗରିବ ନିରାଶ୍ରୟ ଲୋକେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଭଳି ଅନେକ ଉଦାହରଣ ଏଠାରେ ଦେଖିବାକୁ ମିଳୁଛି। ଯାଜପୁର ଜିଲ୍ଲା ବରୀ ବ୍ଲକ ବାଲିବିଲ ପଞ୍ଚାୟତ କେଁକରଡ଼ା ଗ୍ରାମର ରମେଶ ଚନ୍ଦ୍ର ସାମଲ ଜଣେ କ୍ଷୁଦ୍ରଚାଷୀ। ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ମାତ୍ର ସେ ଆବାସ ଯୋଜନାରେ ଅର୍ନ୍ତଭୁକ୍ତ ହେବା ପାଇଁ ବାରମ୍ବାର ଆବେଦନ କରିଆସୁଥିଲେ ସୁଦ୍ଧା ତାଙ୍କ କଥାକୁ କେହି କର୍ଣ୍ଣପାତ ନ କରିବା ଦୁଃଖ ଓ ପରିତାପର ଅଟେ।

ଫନି ବାତ୍ୟାରେ ରମେଶଙ୍କ ଘର ଭାଙ୍ଗିଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ତଦନ୍ତ ପରେ ତାଙ୍କ ନାମ ଆବାସ ତାଲିକାରେ ସ୍ଥାନ ପାଇଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ଆବାସ ମଞ୍ଜୁର ହୋଇ ନ ଥିବାରୁ ବିଳମ୍ବ ହେଉଥିବା ପଞ୍ଚାୟତ କର୍ମଚାରୀ ପ୍ରକାଶ କରିଥିଲେ। ଆବାସ ମଞ୍ଜୁର ହେବା ପରେ ତଦାରଖ କରି ଆବାସ ତାଲିକା ପ୍ରସ୍ତୁତ କରିବାକୁ କର୍ମଚାରୀ ତାଙ୍କ ଘରକୁ ଆସି ତଦାରଖ କରିବା ପରେ ନୂତନ ତାଲିକାରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଥିଲା। ଯଦ୍ୱାରା ଶ୍ରୀ ସାମଲଙ୍କ ନାମ ଦୁଇଟି ଯାକ ତାଲିକାରେ ରହିଲା। ଆବାସ ପ୍ରଦାନ ପୂର୍ବରୁ ଯେତେବେଳେ ଚୂଡାନ୍ତ ତାଲିକା ପ୍ରକାଶ ପାଇବାକୁ ଗଲା, ସେତେବେଳେ ଯେଉଁମାନଙ୍କ ନାମ ଦୁଇ ଦୁଇଟି ତାଲିକାରେ ରହିଛି ସେଥିରୁ ଗୋଟିଏ ତାଲିକାରୁ କାଟି ଚୂଡ଼ାନ୍ତ ତାଲିକାରେ ଗୋଟିଏ ନାମକୁ ଅନ୍ତର୍ଭୁକ୍ତ କରିବା କଥା। କିନ୍ତୁ ଜଣେ ପଞ୍ଚାୟତ ଅଧିକାରୀ ଫନି ତାଲିକାରୁ ନାମ କାଟି ଦେଇଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତଦନ୍ତ ନ କରି ଅନ୍ୟ ତାଲିକାରୁ ମଧ୍ୟ ନାମ କାଟିଦେଲେ। ଏଭଳି ପରିସ୍ଥିତିରେ ଗୋଟିଏ ଗରିବ କୃଷକ ପରିବାର ଆବାସ ଗୃହ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। କେବଳ ରାସନ ସାମଗ୍ରୀ ଗଣ୍ଡେ ପାଇ ପରିବାରର ୪ ଜଣ କୁଟୁମ୍ବକୁ ପ୍ରତିପୋଷଣ କରିଆସୁଛନ୍ତି ରମେଶ। ବର୍ତ୍ତମାନ ସେ ମାନସିକ ଭାରସାମ୍ୟ ହରାଇ ଜୀବନ ଅତିବାହିତ କରୁଛନ୍ତି। ପୂର୍ବରୁ ସରପଞ୍ଚ ଓ ବିଡିଓଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ନିରାଶ ହେବା ପରେ ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ଲିଖିତ ଭାବେ ଘର ଖଣ୍ଡେ ପାଇବାକୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ସମୟ କହିବ ରମେଶଙ୍କୁ ପକ୍କାଘର ମିଳୁଛି କି ନାହିଁ ? ଅନ୍ୟପକ୍ଷରେ ଉପରୋକ୍ତ ସମସ୍ୟାକୁ ଦୃଷ୍ଟି ଦେବାକୁ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି ରମେଶଙ୍କ ପରିବାର।

ANIMESH INDIAN SNACKS
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

Skilled in ODISHA

ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା-୨୦୨୩-୨୪

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀଙ୍କ ଆନୁକୂଲ୍ୟରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ କଟକଙ୍କ ସହଯୋଗରେ ଆସନ୍ତା **ତା.୧୬.୦୨.୨୦୨୪ରିଖ (ଶୁକ୍ରବାର)** ଦିନ ବାଙ୍କୀ ବ୍ଲକ୍ କଚେରୀ ଫଡ଼ିଆ, ବାଙ୍କୀ ଓ **ତା.୧୭.୦୨.୨୦୨୪ରିଖ (ଶନିବାର)** ଦିନ ନିଶ୍ଚିନ୍ତ କୋଇଲି ବ୍ଲକ୍ ନିକଟ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତି ଦାତାମାନେ ଯୋଗଦେବେ। ନିଯୁକ୍ତ ଦାତାଙ୍କ ମଧ୍ୟରୁ କେତେକ ନିଯୁକ୍ତିଦାତା ସିଧାସଳଖ ନିଯୁକ୍ତି ଦେବେ ଓ ଆଉ କେତେକ ନିଯୁକ୍ତି ଭିତ୍ତିକ ତାଲିମ୍ ପରେ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା ରହିଛି ।

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଥିବା ପଞ୍ଚମ ଶ୍ରେଣୀଠାରୁ +୩ ପାସ୍, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଇଚ୍ଛୁକ ଥିବା ପ୍ରାର୍ଥୀ / ପ୍ରାର୍ଥିନୀମାନେ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ଓ ନିଜର ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ **ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୩ ଘଟିକା** ମଧ୍ୟରେ ଯୋଗଦେଇ ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ।

ପ୍ରକାଶ ଥାଉକି : ଏହି ସୁଯୋଗ ସରକାରୀ ଚାକିରୀ ନିମନ୍ତେ ଉଦ୍ଦିଷ୍ଟ ନୁହେଁ।

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, କଟକ | ଜିଲ୍ଲା ପ୍ରଶାସନ, କଟକ

ଯୋଗାଯୋଗ: ୦୬୭୧-୨୩୬୦୦୭୭

### ନେରଡ଼ାରେ ସଶସ୍ତ୍ର ଡକାୟତି

# ୨ ଆହତ, ଘଟଣାସ୍ଥଳରେ ପୁଲିସ ଓ ଡଗ୍‌ସ୍କ୍ୱାର୍ଡ





**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ,୧୪ା୨(ସମିସ):** ଭଣ୍ଡାରିପୋଖରୀଥାନାଅଧୀନ୧୬ନମ୍ବରଜାତୀୟରାଜପଥ ଠାରୁ ମାତ୍ର ୫ଶହ ମିଟର ଦୂର ନେରଡା(ବେଣୀପୁର) ନର୍ସିଂସ୍କୁଲ ନିକଟରେ ଥିବା ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କ ଘରୁ ମଙ୍ଗଳବାର ସନ୍ଧ୍ୟାରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତଙ୍କ ଆକ୍ରମଣରେ ୨ ଜଣ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଶରତଙ୍କ ପୁଅ ସୁଶୀଲଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଡାହାଲା ଜଗନ୍ନାଥମନ୍ଦିର ହରିହାଟ ଦେଖିବାକୁ ଶରତ ଯାଇଥିବାବେଳେ ୨ ପୁଅ ବାହାରେ ରୁହନ୍ତି। ଘରେ ମହିଳା ଓ ବନ୍ଧୁ ସରୋଜ ପଣ୍ଡା, ଶରତଙ୍କ ଶାଳକ ପୁତ୍ର ହେମନ୍ତ ନାୟକ ଥିଲେ। ସନ୍ଧ୍ୟା ୭.୧୫ମି. ସମୟରେ ରାଜପଥରେ ଉପରେ ଧଳା ସ୍କର୍ପିଓରୁ ଓହ୍ଲାଇ ୬ଜଣ ମୁଖାପିନ୍ଧା ଡକାୟତ ହାତରେ ଅସ୍ତ୍ରଶସ୍ତ୍ର ଧରି ଆସି କବାଟକୁ ଧକ୍କାମାରି ଘରଭିତରକୁ ପ୍ରବେଶ କରିଥିଲେ। ହିନ୍ଦୀ, ଓଡ଼ିଆ ଓ ଉର୍ଦ୍ଦୁରେ କଥା ହେଉଥିବା ଡକାୟତମାନେ ଖଣ୍ଡାରେ ପରିବାର ଲୋକଙ୍କୁ ଆକ୍ରମଣ କରି ମୋବାଇଲ ଛଡାଇନେଇ ଗୋଟିଏ କୋଠରୀରେ ବନ୍ଦରଖି ଜଗି ରହିଥିଲେ। ଅନ୍ୟ ଡକାୟତମାନେ ୩ଟି ଆଲମିରା ଭାଙ୍ଗି ୨ଟି ରାଣୀହାର, ୨ଟି ଚିକ ହାର, ୬ଟି ଚେନ, ମୁଦି ୮ଟା, ମଙ୍ଗଳସୂତ୍ର ୨ଟା, ଚୁଡି ୨ ହଳ, କାନଫୁଲ ୬ ହଳ, ଶାଙ୍ଖି ୪ ହଳ ଓ ୪୫ହଜାର ଟଙ୍କା ଲୁଟ କରିଥିଲେ। ଶରତଙ୍କ ଘର ଉପରତାଲାରେ ଭଡ଼ାରେ ରହୁଥିବା ଜଣେ ମହିଳାଙ୍କ ଘରୁ ମଧ୍ୟ ଲୁଟ୍ କରିଥିଲେ। ଘଣ୍ଟାଏ କାଳ ଲୁଟପାଟ କରିବା ପରେ ରାତି ୮ଟା ୫ମିରେ ଘରୁ ବାହାରିଯାଇ ଦୂରରେ ରଖିଥିବା ଗାଡିରେ ଉଭାନ ହୋଇଯାଇଥିଲେ ବୋଲି ପରିବାର ସୂତ୍ରରୁ ପ୍ରକାଶ। ମୋବାଇଲଗୁଡ଼ିକୁ କୋଠରୀ ତାଜା ଉପରେ ଫୋପାଡି ଦେଇ ପଳାଇଯାଇ ଥିଲେ। ଘର ଲୋକେ ମୋବାଇଲ ଯୋଗେ ପାଖପଡ଼ୋଶୀଙ୍କୁ ଜଣାଇବା ପରେ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଛି। ବୁଧବାର ପୁଲିସ ବୈଜ୍ଞାନିକ ଅନୁସନ୍ଧାନକାରୀ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ଚୋରି ତଦନ୍ତ କରାଯାଇଥିଲା। ହେଲେ ଏହି ତଦନ୍ତରେ ବିଶେଷ କିଛି ସଫଳତା ମିଳି ନ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ଏହି ଥାନା ଅଧୀନ ମଞ୍ଜୁରୀରୋଡ ବଜାରରେ ଥିବା ଏକ ଜୁଏଲାରୀ ଦୋକାନରେ ଜରିପାଲ ଟାଙ୍ଗି ୨୩ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଲୁଟ୍ କରିଥିଲେ ଲୁଟେରା ।

## ଭାରତୀୟ ଚିକିତ୍ସକ ସଂଘ ସମ୍ମିଳନୀରେ ଭଦ୍ରକ ଶାଖା ପୁରସ୍କୃତ




**ଭଦ୍ରକ,୧୪ା୨(ସମିସ):** ଅନୁଗୁଳଠାରେ ଦୁଇଦିନ ବ୍ୟାପି ଚାଲିଥିବା ଭାରତୀୟ ଚିକିତ୍ସକ ସଂଘର ରାଜ୍ୟ ସମ୍ମିଳନୀ (ଇମାକନ) ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ୨୦୨୨-୨୩ ବର୍ଷ ପାଇଁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଭଦ୍ରକ ଶାଖା ଓ ଡା. ହରେକୃଷ୍ଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ସର୍ବଭାରତୀୟ ଚିକିତ୍ସକ ସଂଘର ସଭାପତି ଡ. ଆର୍‌ଭି ଅଶୋକନ୍, ଉପ ସଭାପତି ଡ.ସୁରେଶ ଗୁପ୍ତା, ରାଜ୍ୟ ସଭାପତି ଡ.ଶ୍ୟାମସୁନ୍ଦର ଖାଣ୍ଡେଲାଲ ଡାକ୍ତର ନାୟକଙ୍କୁ ଏହି ସମ୍ବର୍ଦ୍ଧନା ଅର୍ପଣ କରିଥିଲେ। ପ୍ରକାଶ ଥାଉ କି ଭାରତୀୟ ଚିକିତ୍ସକ ସଂଘ ପ୍ରତି ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବରୁ ରାଜ୍ୟ ତଥା ଜାତୀୟସ୍ତରରେ ଡାକ୍ତର ନାୟକଙ୍କୁ ଲାଇଫ୍ ଟାଇମ ଆଚିଭମେଣ୍ଟ ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ଗ୍ରହଣ ଉତ୍ସବରେ ଭଦ୍ରକରୁ ବରିଷ୍ଠ ଶଲ୍ୟ ଚିକିତ୍ସକ ଡାକ୍ତର ସୁବାସ ବିଶ୍ୱାଳ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଝସକେତନ ମହାନ୍ତି ଓ ରୋଟାରୀଆନ ଅଭିଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସମିତିସଭ୍ୟାଙ୍କ ପରଲୋକ

**ଆଗରପଡ଼ା,୧୪ା୨(ସମିସ):** ଆଗରପଡ଼ା ୧୪ନଂ ଜୋନ୍ ଅନ୍ତର୍ଗତ ଆଡ଼ିଆ ପଞ୍ଚାୟତର ସମିତିସଭ୍ୟାଙ୍କ ୬୬ବର୍ଷ ବୟସରେ ପରଲୋକ ଘଟିଛି। ସୂଚନା ଅନୁଯାୟୀ ଆଡ଼ିଆ ପଞ୍ଚାୟତ ସମିତିସଭ୍ୟା ତଥା ଉକ୍ତ ପଞ୍ଚାୟତ ଅନ୍ତର୍ଗତ କୁଆଁର୍ଦା ଗ୍ରାମର ନାରାୟଣ ଚନ୍ଦ୍ର ଭୂୟାଁଙ୍କ ସ୍ତ୍ରୀ ପ୍ରମିଳା ଅସୁସ୍ଥତା କାରଣରୁ ଗତ ୮ ଦିନ ହେବ ଭୁବନେଶ୍ୱର ସ୍ଥିତ ସ୍ୱର୍ଶ ମେଡିକାଲରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ସମୟରେ ତାଙ୍କର ଏକ ମାତ୍ର ପୁଅ ତାପସ ସେଠାରେ ଉପସ୍ଥିତ ଥିଲେ। ତାଙ୍କ ମୃତ ଶରୀରକୁ ଗ୍ରାମକୁ ଅଣାଯିବା ପରେ ଗ୍ରାମ୍ୟ ଭ୍ରମଣ କରାଯାଇ ଦାହ କରାଯାଇଥିଲା। ପୁତ୍ର ତାପସ ମୁଖାଗ୍ନି ଦେଇଥିବା ବେଳେ ପରିବାର ବର୍ଗଙ୍କ ସମେତ ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ପ୍ରମିଳା ଜଣେ ସରଳ, ଅମାୟିକ ଓ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ବେଶ ପରିଚିତ ଥିବାବେଳେ ବିଜେଡିରେ ଜଣେ ଆଗଧାଡ଼ି ନେତ୍ରୀ ସହ ଜଣେ ସୁସଂଗଠକ ଥିଲେ। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ମରଶରୀରକୁ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

## ମେଧାବୀଛାତ୍ରଙ୍କ ଚିକିତ୍ସା ପାଇଁ ଅର୍ଥର ଅଭାବ



**ଆଗରପଡ଼ା,୧୪ା୨(ସମିସ):** ବନ୍ତ ବ୍ଲକ୍ ମହାନ୍ତିପଡ଼ା ଗ୍ରାମର ଗୋ÷ରାଙ୍ଗ ମହାରଣାଙ୍କ ପୁଅ ତଥା ମହାନ୍ତିପଡ଼ା ସ୍କୁଲ ୭ମ ଶ୍ରେଣୀ ଛାତ୍ର ଅନନ୍ତ ମସ୍ତିଷ୍କ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମାତ୍ର ଅଧିକ ଚିକିତ୍ସା ପାଇଁ ତାଙ୍କ ପରିବାର ଅର୍ଥ ସଙ୍କଟରେ ପଡ଼ି ଯାଇଛନ୍ତି। ଘରେ ଯାହାଥିଲା ତାକୁ ବିକିଭାଙ୍ଗି ବାପା ପୁଅର ଚିକିତ୍ସାରେ ଖର୍ଚ୍ଚ କରିସାରିଛନ୍ତି। ସେ ଜଣେ ଗରୀବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥର ବହୁ ଆବଶ୍ୟକତା ରହିଛି। ଯାହାକି ସଂଗ୍ରହ କରିବାକୁ ସେ ଅସମର୍ଥ। ତେଣୁ କୌଣସି ସହୃଦୟ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନ ଅନନ୍ତର ଚିକିତ୍ସା ନିମନ୍ତେ ସହାୟତାର ହାତ ବଢାଇବା ପାଇଁ ପରିବାର ତରଫରୁ ଆକୁଳ ନିବେଦନ କରାଯାଇଛି।

## ଆଗରପଡ଼ାରେ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା

**ଆଗରପଡ଼ା,୧୪ା୨(ସମିସ):** ଆଗରପଡ଼ା ତଥା ଏହାର ଆଖପାଖ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବ ମାନଙ୍କରେ ବାଗଦେବୀଙ୍କର ପୂଜାର୍ଚ୍ଚନା ପାଳିତ ହୋଇଯାଇଛି।



ଏହି ପରିପ୍ରେକ୍ଷୀରେ ଆଗରପଡ଼ା ମହାବୀର ଯୁବକ ସଂଘ ପୂଜା କମିଟି ଦ୍ୱାରା ପୂଜା ପାଉଛନ୍ତି ବାଗଦେବୀ। ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ ପୂଜା ଖୁବ୍ ଧୁମଧାମରେ ପାଳିତ ହେଉଛି। କଳାଶିକ୍ଷକ ପଦ୍ମନାଭ ସେଠୀଙ୍କ ଦ୍ୱାରା ଟେରାକୋଟା କାରୁକାର୍ଯ୍ୟରେ ନିର୍ମିତ ହୋଇଥିବା ମା' ସରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତୀ ଉକ୍ତ ପୂଜା ପାଇଥିଲେ। ସଭାପତି ବାବୁରାମ ବେହେରାଙ୍କ ତତ୍ତ୍ୱାବଧାନରେ କମିଟି ସମ୍ପାଦକ ରୁଦ୍ର ପ୍ରସାଦ ସିଂହ, ସଭ୍ୟ ରଞ୍ଜିତ ପ୍ରତାପ ସିଂହ, ପ୍ରଦୀପ୍ତ ସେଠୀ, ଶୁଭମ୍ ସିଂହ, ଶ୍ରୀତମ ସିଂହ, ବଳରାମ ସେଠୀଙ୍କ ସମେତ ଶତାଧିକ ସଦସ୍ୟଙ୍କ ସହଯୋଗରେ ପୂଜାର୍ଚ୍ଚନା ହୋଇଥିଲା।

## ଅଷ୍ଟମ ଦ୍ୱିବାର୍ଷିକ ମାନବିନ୍ଦୁ ମୂଲ୍ୟାୟନ ସମିତି ବୈଠକ



**ଭଦ୍ରକ,୧୪ା୨(ସମିସ):** ଭଦ୍ରକ ଜିଲ୍ଲାରେ ଅଷ୍ଟମ ଦ୍ୱିବାର୍ଷିକ ମାନବିନ୍ଦୁ ମୂଲ୍ୟାୟନ ଏପ୍ରିଲ ୧ ରୁ ଲାଗୁ କରିବା ପାଇଁ ଓଡ଼ିଶା ଷ୍ଟାମ୍ପ ନିୟମ ୪୦ ଅନୁଯାୟୀ ଜମି ପ୍ରାମାଣିକ ଓ ପ୍ରସ୍ତାବିତ ମୂଲ୍ୟ ନିମନ୍ତେ ପୁନଃପରୀକ୍ଷଣ କରାଯାଉଛି। ତେଣୁ ଯେଉଁ ପ୍ଲଟର ମୂଲ୍ୟ ସପ୍ତମ ଦ୍ୱିବାର୍ଷିକ ମାନବିନ୍ଦୁ ମୂଲ୍ୟାୟନ ଯାହା କି ବଜାର ଦରଠାରୁ ନିମ୍ନ କିମ୍ବା ଅଧିକ ଅଛି ଉକ୍ତ ମୂଲ୍ୟକୁ ପୁନଃନିର୍ଦ୍ଧାରଣ କରିବା ନେଇ ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମାନବିନ୍ଦୁ ମୂଲ୍ୟାୟନ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପଜିଲ୍ଲାପାଳ ମନୋଜ ପାତ୍ର, ସମସ୍ତ ତହସିଲଦାର, ସମସ୍ତ ତହସିଲଦାର, ସମସ୍ତ ଉପନିବନ୍ଧକ, ଦୁଇ ସଦସ୍ୟ-ଅଖିଳ କୁମାର ପାଢ଼ୀ, ସୁବ୍ରତ କୁମାର ସାବତ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ତହସିଲଦାରମାନେ ଦେଇଥିବା ପ୍ରାମଣିକ ତଥ୍ୟକୁ ବୈଠକରେ ବିଚାର ବିମର୍ଷ କରିଥିଲେ । ଅନ୍ୟପକ୍ଷରେ ଉପ ଜିଲ୍ଲାପାଳ ଶ୍ରୀ ପାତ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁମୋଦିତ ତଥ୍ୟକୁ ବିଚାର ବିମର୍ଷ କରାଯାଇ ପୁନଃନିର୍ଦ୍ଧାରଣ ତଥ୍ୟକୁ ପ୍ରସ୍ତୁତ କରିବା ଲାଗି ସମସ୍ତ ପଦକ୍ଷେପ ନିଆଯାଇ ଯଥାଶୀଘ୍ର ଓଡ଼ିଶା ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବା ପାଇଁ ଜିଲ୍ଲା ଉପନିବନ୍ଧକ ଗୁରୁଚରଣ ମଲ୍ଲଙ୍କୁ ନିର୍ଦ୍ଦେଶ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ପୂଜା ପାଇଲେ ମା' ସରସ୍ୱତୀ



**ବାସୁଦେବପୁର,୧୪ା୨(ସମିସ):** ବାସୁଦେବପୁରର ବିଭିନ୍ନ ସ୍ଥାନରେ ମା ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ସରକାରୀ ଅବା ବେସରକାରୀ ଶିକ୍ଷାନୁଷ୍ଠାନ ସହିତ କ୍ଲବ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବେଶ ଧୁମଧାମରେ ଏହି ପୂଜାକୁ ପାଳନ କରାଯାଇଛି। ପୌରପାଳିକାର ଡିସିଏ କମ୍ପୁଟର,ରାହୁଲୁ ପୋଲିସି ଏକାଡିମି ମାଲୁସାହି ସ୍ଥିତ ମା ସାତଭଉଣୀ ଠାରେ ମାଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଆକର୍ଷଣୀୟ ସୁ ଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ। ପୂଜା କମିଟି ପକ୍ଷରୁ ଆଜି ସକାଳେ କଳସ ଶୋଭାଯାତ୍ରା ପରେ ପୂଜା ମଣ୍ଡପରେ ସ୍ଥାପନ ସହିତ ପୂଜାର୍ଚ୍ଚନା କରା ଯାଇଥିଲା। କମିଟି ପକ୍ଷରୁ ସମସ୍ତ ଆୟୋଜନ ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖା ଯାଇଥିଲା। ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଆସି ମାଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଆଜି ସନ୍ଧ୍ୟାରେ ପୂଜା ମଣ୍ଡପ ଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ଚକାଡ଼ୋଳା ଛତୁମଞ୍ଜି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

**ଭଣ୍ଡାରିପୋଖରୀ,୧୪ା୨(ସମିସ):** ରାଜ୍ୟର ସର୍ବବୃହତ ଶୀତଳଭଣ୍ଡାର ଭାବେ ପରିଚିତ ଚକାଡୋଳା ଶୀତଳଭଣ୍ଡାରରେ 'ଛତୁମଞ୍ଜି ଉତ୍ପାଦନ କେନ୍ଦ୍ର' ପବିତ୍ର ଶ୍ରୀପଞ୍ଚମୀ ତିଥି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଛତାବର-ବଳିଘାଇ ପୂର୍ତ୍ତ ରାସ୍ତାର ପର୍ବତୀ ଠାରେ ଅବସ୍ଥିତ ଏହି କେନ୍ଦ୍ରକୁ ଦେଓଘରସ୍ଥିତ ଆଶ୍ରମର ପ୍ରତିନିଧି ଅଭିକ୍ ଦା ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏହି ଛତୁମଞ୍ଜି ଉତ୍ପାଦନ କେନ୍ଦ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଗ୍ରହୀ ଛତୁଚାଷୀଙ୍କୁ ଯୋଗାଇ ଦିଆଯିବା ସହ ଛତୁଚାଷ ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଶୀତଳଭଣ୍ଡାର ଛତୁ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠାତା ଉଦ୍ୟୋଗୀ ଉଦୟ ନାରାୟଣ ନନ୍ଦ, ସହ ଉଦ୍ୟୋଗୀ ଜ୍ୟୋସ୍ନାରାଣୀ ନନ୍ଦ, ଜୟନ୍ତୀ ନନ୍ଦ, ପରିଚାଳକ ସୁଶାନ୍ତ ବେହୁରିଆ(ମେଘା) ସୂଚନା ଦେଇଥିଲେ। ଏହି ଅବସରରେ ଶୀତଳଭଣ୍ଡାର ପରିସରରେ 'ସତ୍‌ସଙ୍ଗ ଅଧିବେଶନ' ଅନୁଷ୍ଠିତ ହୋଇଥିଲା। ପ୍ରସନ୍ନ କୁମାର ନନ୍ଦ ସମର୍ପଣ କରିଥିଲେ। ପ୍ରାରମ୍ଭରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଅଭିକ୍ ଦା ମଣିଷ ଜୀବନରେ ସଦଗୁରୁଙ୍କ ଭୂମିକା ଶିର୍ଷକ ଆଲୋଚନା କରିଥିଲେ। ଭଣ୍ଡାରୀପୋଖରୀ ସତସଙ୍ଗ କେନ୍ଦ୍ର ପକ୍ଷରୁ ସହପ୍ରତିରତିକ ଅଭିମନ୍ୟୁ ଖଟୁଆ, ତିହିଡିର ସହପ୍ରତିରତିକ ନବକିଶୋର ପତି, କେନ୍ଦ୍ରପଡାର ସହପ୍ରତିରତିକ କେଶବ ଚନ୍ଦ୍ର ଦାଶ, ବଟକୃଷ୍ଣ ଦାସ ଓ ଗୁରୁଭାଇମାନେ ଅଧିବେଶନରେ ଯୋଗଦେଇ ଥିଲେ।



## ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ




**ଭଦ୍ରକ,୧୪ା୨(ସମିସ):** ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ନିଷ୍ପତ୍ତି କ୍ରମେ ଭଦ୍ରକ ଜିଲ୍ଲା ସଂଘ ପକ୍ଷରୁ କୃଷି କାର୍ଯ୍ୟାଳୟ ଆଗରେ ଶନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯାଇଛି। ୫୦ ବର୍ଷ ଧରି ନିରନ୍ତର ଭାବେ କାର୍ଯ୍ୟ କରିଆସୁଥିବା ବେଳେ ନୂତନ କ୍ୟାଡର ଗଠନ, ଗ୍ରେଡପେ ଲାଗୁ ଆଦି ଦାବି ନେଇ ଧାରଣା ରେ ବସିଛନ୍ତି କର୍ମଚାରୀ। ୧୩ ରୁ ୧୯ ପର୍ଯ୍ୟନ୍ତ ସାମୂହିକ ଭାବେ କୃଷି କାର୍ଯ୍ୟାଳୟ ନିକଟରେ ଧାରଣା ଦେବେ, ଯଦି ସରକାର କଣସି ଦାବି ନଶୁଣନ୍ତି ତେବେ ରାଜ୍ୟ କୃଷି ଭବନ ଆଗରେ ଆସନ୍ତା ୨୦ ତାରିଖରେ ଅର୍ନିଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଆନ୍ଦୋଳନ ରେ ବସିବେ ବୋଲି କହିଛନ୍ତି । ଜିଲ୍ଲା ସଙ୍ଘ ଅଧ୍ୟକ୍ଷ ଆଲୋକ ନାୟକ, ସଭାପତି ଶିବ ନାରାୟଣ ପାଣି, ଉପଦେଷ୍ଟା-ଆଲୋକ ମଲ୍ଲିକ, ପ୍ରମୋଦ କୁମାର ନାୟକ, ଉପସଭାପତି -ବିକ୍ରମାଦିତ୍ୟ ନାୟକ, ବନ୍ଦନ ନନ୍ଦ,କେଦାର ବେହେରା, ନଗେନ ପଣ୍ଡା, ସନ୍ତୋଷ ମହାନ୍ତି, ବାସନ୍ତିଲତା ସ୍ୱାଇଁ, ଅଜୟ ଦାସ,ଭୀମସେନ ସାମଲ, ଶିବ ମୁର୍ମୁ,ମମତା ମଞ୍ଜରୀ ସେଠୀ ଏବଂ ଭଦ୍ରକ ଜ଼ିଲ୍ଲା ରୁ ରାଜ୍ୟ ସଂଘ ର କର୍ମକର୍ତା ରାମ ଚନ୍ଦ୍ର ମୁର୍ମୁ ଏବଂ ୭ଟି ବ୍ଲକ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଭଦ୍ରକ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

# ଅତିରିକ୍ତ ଭତ୍ତା ପାଇବେ ୨୩ ହଜାର ୪ଶହ ହିତାଧିକାରୀ

**ଭଦ୍ରକ,୧୪ା୨(ସମିସ)**

ରାଜ୍ୟ ସରକାର ବିଭିନ୍ନବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପେନ୍‌ସନ ବ୍ୟବସ୍ଥା କରିଛନ୍ତି । ଏହି ଯୋଜନାରେ ବରିଷ୍ଠ ନାଗରିକ, ବିଧବା, ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମ, ଅବିବାହିତ ମହିଳା, ସୁସ୍ଥ ହୋଇଥିବା କୁଷ୍ଠରୋଗୀ, ଓଡ଼ିଶା ରାଜ୍ୟ ଏଡସ୍ ସେଲ୍ ଦ୍ୱାରା ଚିହ୍ନଟ ହୋଇଥିବା ଏଡ୍‌ସ ରୋଗୀ, କିନ୍ନର, କୋଭିଡରେ ବାପ, ମା' ଛେଉଣ୍ଡ ଓ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ସାମିଲ କରାଯାଇଛି । ଏହି ଯୋଜନାରେ ଛୋଟପିଲା ଠାରୁ ୭୯ବର୍ଷ ବୟସର ହିତାଧିକାରୀମାନେ ମାସିକ ୫ଶହ ଟଙ୍କା ପାଇଥାନ୍ତି । ୮୦ବର୍ଷ ବା ଅଧିକ ବୟସ୍କଙ୍କୁ ୭ଶହ ଟଙ୍କା ମିଳିଥାଏ । ଭିନ୍ନକ୍ଷମଙ୍କ କ୍ଷେତ୍ରରେ ୪୦ରୁ ୫୯ପ୍ରତିଶତ ଅକ୍ଷମତା ଥିବା ଲୋକ ମାସିକ ୫ଶହ ଟଙ୍କା ପାଉଥିବାବେଳେ ୬୦ପ୍ରତିଶତ କିମ୍ବା ଏଥିରୁ ଅଧିକ ବ୍ୟକ୍ତିଙ୍କୁ ୭ଶହ କରି ଭତ୍ତା ପାଆନ୍ତି। ସେହିଭଳି ୬୦ବର୍ଷରୁ ଅଧିକ ଭିନ୍ନକ୍ଷମ ଥିବାବ୍ୟକ୍ତିଙ୍କୁ ମାସିକ ୯ଶହ ଟଙ୍କା ମିଳିଥାଏ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏଣିକି ମଧୁବାବୁ ପେନସନ ପରିମାଣ ସର୍ବନିମ୍ନ ୧ହଜାର କରି ହିତାଧିକାରୀଙ୍କୁ ମିଳିବ। ଏହି ବର୍ଦ୍ଧିତ ପେନସନ ରାଶି ଚଳିତ ଫେବୃଆରୀ ୨୦ରୁ ୨୫ତାରିଖ ମଧ୍ୟରେ ହିତାଧିକାରୀଙ୍କୁ ମିଳିବ । ତେବେ ଭଦ୍ରକ ଜିଲ୍ଲାରେ ଅତିରିକ୍ତ ନୂଆ ଭତ୍ତା ଯୋଜନାରେ ୨୩ହଜାର ୪ଶହ ହିତାଧିକାରୀ ସାମିଲ ହୋଇଥିବା ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସୂତ୍ରରୁ ଜଣାଯାଇଛି । ଏହା ପୂର୍ବରୁ ୧ଲକ୍ଷ ୧୦ହଜାର ୦୬୪ ହିତାଧିକାରୀ ଜିଲ୍ଲାରେ ଭତା ପାଉଥିଲେ । ଏବେ ୭ଟି ବ୍ଲକର ନୂଆ ଓ ପୁରୁଣାକୁ ମିଶାଇ ସମୁଦାୟ ୧ଲକ୍ଷ ୩୩ହଜାର ୪୬୪ ହିତାଧିକାରୀ ବର୍ଦ୍ଧିତ ଭତା ବାବଦକୁ ୧ହଜାର ଟଙ୍କା କରି ପାଇବେ । ଅତିରିକ୍ତ ଭତ୍ତା ହିତାଧିକାରୀଙ୍କ ତାଲିକାନୁଯାୟୀ, ବାସୁଦେବପୁର ବ୍ଲକ୍‌ରେ ନୂଆ ଭତ୍ତା ଆବେଦନକାରୀ ୪୯୧୧ ମଧ୍ୟରୁ ୪୧୯୭ ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ହୋଇଛି । ସେହିପରି ବାସୁଦେବପୁର ପୌରପାଳିକାର ୮୮୪ରୁ ୫୫୯, ଭଦ୍ରକ ବ୍ଲକ୍‌ର ୩୨୩୬ରୁ ୩୧୯୦, ଭଦ୍ରକ ପୌରପାଳିକାର ୨୯୦ରୁ ୨୪୫, ଭଣ୍ଡାରିପୋଖରୀ ବ୍ଲକର ୧୮୬୨ରୁ ୧୫୩୬, ବନ୍ତ ବ୍ଲକର ୩୫୧୭ ଆବେଦନକାରୀଙ୍କ ମଧ୍ୟରୁ ୩୦୬୧ହିତାଧିକାରୀଙ୍କ ଭତ୍ତା ଜିଲ୍ଲା ପ୍ରଶାସନ ପକ୍ଷରୁ ମଞ୍ଜୁର ହୋଇଛି । ସେହିପରି ଚାନ୍ଦବାଲି ବ୍ଲକର ୩୬୪୫ ଆବେଦନକାରୀଙ୍କ ମଧ୍ୟରୁ ୩୨୭୪ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ହୋଇଥିବାବେଳେ ଏଠାକାର ଏନ୍‌ଏସିରୁ ୨୭୯ରୁ ୨୭୪ମଞ୍ଜୁର ହୋଇଛି। ଧାମନଗର ବ୍ଲକ୍‌ର ୩୪୨୮ଆବେଦନକାରୀଙ୍କ ମଧ୍ୟରୁ ୩୩୪୭, ଧାମନଗର ଏନଏସିର ୭୭ରୁ ୬୬ ଓ ତିହିଡି ବ୍ଲକର ୪୫୭୪ ଆବେଦନକାରୀଙ୍କ ମଧ୍ୟରୁ ୩୨୭୧ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ହୋଇଛି । ସେହିଭଳି ଜିଲ୍ଲାର ୭ଟି ବ୍ଲକ, ପୌରାଞ୍ଚଳରେ ୩୩୮୩ଜଣ ଆବେଦନକାରୀଙ୍କ ଆବେଦନ ବିଚାରାଧୀନ ରହିଥିବା ଜଣାଯାଇଛି ।



# ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ଶ୍ରାଦ୍ଧ ବାର୍ଷିକ




**ଅସୁରାଳି, ୧୪ ।୨(ସମିସ):** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ପୂର୍ବତନ ସାଂସଦ ମୂରଲୀଧର ଜେନା, ବାବାଜୀ ଚରଣ ପଣ୍ଡା, ହୃଦାନନ୍ଦ ସେଠୀ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ପ୍ରଦୀପ୍ତକିଶୋର ଦାଶ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଅମିତା ବାଲା ଆଚାର୍ଯ୍ୟ, ପ୍ରସନ୍ନ ଧଳ, ନରେନ୍ଦ୍ର ମଲ୍ଲିକ, ଅରବିନ୍ଦ ନାୟକ, ଅଧ୍ୟାପକ ରାମଚନ୍ଦ୍ର ହେୁରିଆ, ଏବିଓ ହେମେନ୍ଦ୍ର ମହାନ୍ତି, ଶ୍ରୀକାନ୍ତ ଜେନା, ନାରାୟଣ ଚନ୍ଦ୍ର ନାୟକ, ନରନାରାୟଣ ଜେନା ଓ ସୁଧୀର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ ଜଗନ୍ନାଥ ରାଉତ ପ୍ରାରମ୍ଭିକ ଜୀବନରେ ଶିକ୍ଷକତା କରୁଥିଲେ । ପରବର୍ତ୍ତି ମୁହୂର୍ତ୍ତରେ ସେ ରାଜନୀତିରେ ପାଦ ଥାପିଥିଲେ । ତାଙ୍କ ରାଜନୀତିଜ୍ଞ କାଳରେ ସେ ଦୁଇ ଥର ମନ୍ତ୍ରୀ ତଥା ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ଏବଂ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ପୁଅ ଅଭିଷେକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାମନ୍ଦିର ଠାରେ ମାତୃପିତୃ ପୂଜନ

**ମଞ୍ଜୁରୀରୋଡ,୧୪ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ସାରଦା ବିଦ୍ୟାମନ୍ଦିରଠାରେ ବିଦ୍ୟା ଦାୟିନୀ ମା ସରସ୍ୱତୀଙ୍କ ପୂଜାସହିତ ପବିତ୍ର ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂଜକ ରଘୁନାଥ ପଣ୍ଡା ବୈଦିକ ରୀତିରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନିର୍ମଳ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ମାତୃପିତୃ ପୂଜନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ଆକାଶ ଆଦିତ୍ୟ ବେହେରା, ଶିକ୍ଷକ ଦେବେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଥିବା ସମସ୍ତ ମାତା ପିତାଙ୍କୁ ସେମାନଙ୍କ ସନ୍ତାନମାନେ ପୁଷ୍ପ, ଅରୁଆ ଚାଉଳ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ପୂଜା କରିଥିଲେ ।

# ଭଦ୍ରକକୁ ମିଳିଲା ୩ଟି ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର

ଭଦ୍ରକ, ୧୪ ।୨(ସମିସ)







ଭୁବନେଶ୍ୱର ଲୋକସେବା ଭବନରେ ମଙ୍ଗଳବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସେବା ପୁରସ୍କାର ବିତରଣର ୧ମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦର୍ଶନ ଲାଗି ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ୩ଟି ସ୍ୱାସ୍ଥ୍ୟସେବା ପୁରସ୍କାର ମିଳିଛି । ସୂଚନାଯୋଗ୍ୟ, ରାଜ୍ୟର ୧୦୯ଟି ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଓ ୪୪ଜଣ ସ୍ୱାସ୍ଥସେବା ଅଧିକାରୀଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି । ଏଥିରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ରଙ୍କୁ ଭୟାନକ ବାହାନଗା ଟ୍ରେନ୍ ଟ୍ରେଜେଡି ବେଳେ ଗୁରୁତର ଆହତ ରେଳଯାତ୍ରୀଙ୍କୁ ତ୍ୱରିତ ସେବା ପ୍ରଦାନ ଲାଗି ମୁଖ୍ୟମନ୍ତ୍ରୀ ସେବା ପୁରସ୍କାର ମିଳିଛି । ମୁଖ୍ୟମନ୍ତ୍ରୀ ସେବା ପୁରସ୍କାର ପାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପାତ୍ରଙ୍କ ସମେତ ଜିଲ୍ଲା ମେଡିକାଲ ଅଫିସର ଡାକ୍ତର ସନ୍ତୋଷ କୁମାର ଜେନା ଓ ଭଦ୍ରକ ହସ୍ପିଟାଲ ମ୍ୟାନେଜର ନିବେଦିତା ନନ୍ଦ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ଶାଳିନୀ ପଣ୍ଡିତଙ୍କ ଠାରୁ ଏହି ସମ୍ମାନଜନକ ପୁରସ୍କାର, ଟ୍ରଫି ଗ୍ରହଣ କରିଥିଲେ । ଅନ୍ୟପକ୍ଷରେ ଜିଲ୍ଲାର ବାସୁଦେବପୁର ପିଏଚ୍ଇଓ ଗୌରୀମଣି ସାହୁ ଓ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁରୁଷ ସ୍ୱାସ୍ଥ୍ୟ କର୍ମୀଭାବେ କାର୍ଯ୍ୟରତ ରାଖାଲ ଚନ୍ଦ୍ର ପଲାଇଙ୍କୁ ମଧ୍ୟ ଉତ୍କୃଷ୍ଟ ସେବା ପୁରସ୍କାର ମିଳିଛି । ସ୍ୱାସ୍ଥ୍ୟସେବାରେ ଏଭଳି ସମ୍ମାନଜନକ ପୁରସ୍କାର ମିଳିଥିବାରୁ ବିଭିନ୍ନ ମହଲରୁ ସ୍ୱାସ୍ଥ୍ୟାଧିକାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଶୁଭେଚ୍ଛା ମିଳିଛି ।

# ଚୋରାମଦ କାରବାରକୁ ମହିଳାଙ୍କ ବିରୋଧ

**ଆଗରପଡ଼ା, ୧୪।୨(ସମିସ):** ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅଧୀନ ଭଗାରାମ ଗ୍ରାମରେ ଚୋରାମଦ କାରବାରକୁ ମହିଳାମାନେ ବିରୋଧ କରିଥିବା ଜଣାପଡ଼ିଛି । ବିଭିନ୍ନ ସମୟରେ ଉକ୍ତ ଗ୍ରାମରେ ଚୋରା ମଦ ବେପାରକୁ ନେଇ ଅଭିଯୋଗ ହେଉଥିଲେ ମଧ୍ୟ ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା । ଯଦ୍ୱାରା ଉକ୍ତ ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇଥିଲା । ସରସ୍ୱତୀ ପୂଜା ଥିବାରୁ ଏହାର ବିକ୍ରି ଜୋର ହେବା ନେଇ ଚିନ୍ତା ପ୍ରକଟ କରିବା ସହ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଚୋରା ମଦ ବିକ୍ରୀ ହେଉଥିବା ସ୍ଥାନକୁ ଯାଇ ସେଠାରେ ଥିବା ଚୋରା ଦେଶୀ ଓ ବିଦେଶୀ ମଦକୁ ନଷ୍ଟ କରୁଥିବାର ଜଣାପଡ଼ିଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସେମାନେ ଶେଷରେ ଏହିପରି ପଦକ୍ଷେପ ନେଲେ ବୋଲି କୁହାଯାଉଛି ।

# ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ କାର୍ଯ୍ୟ ନ ହେବାରୁ ହଇରାଣ ହେଉଛନ୍ତି ଲୋକେ

**ଧାମନଗର, ୧୪ ।୨(ସମିସ):** କୁମ୍ଭକର୍ଣ୍ଣ ନିଦ୍ରାରେ ରାଜସ୍ୱ ବିଭାଗ ଓ ଜିଲ୍ଲା ପ୍ରଶାସନ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ (ବିସିପି) କାର୍ଯ୍ୟ ନ ହେବାରୁ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି । ଧାମନଗର ତହସିଲ ଅଞ୍ଚଳର ୭ରୁ ଅଧିକ ରାଜସ୍ୱ ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା (ବିସିପି) ପାଇଁ ୨୦୦୦ ମସିହାରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଦୀର୍ଘ ୧୨ବର୍ଷ ପରେ ଅର୍ଥାତ ୨୦୧୨ ମସିହାରେ ଏହି କାର୍ଯ୍ୟର ପ୍ରକ୍ରିୟା ଧାମନଗର ତହସିଲ ଅଞ୍ଚଳରେ ଲାଗୁହେଲା । ୨୦୧୨ ମସିହାରେ ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ ୭ରୁ ଅଧିକ ରାଜସ୍ୱ ଗ୍ରାମରେ କେତେକ କାର୍ଯ୍ୟ ପ୍ରତି ପ୍ରତିବନ୍ଧକ ଲଗାଇବାକୁ ମୌଖିକ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଆଜକୁ ଦୀର୍ଘ ୭ବର୍ଷ ଧରି ଏହି ସବୁ ରାଜସ୍ୱ ଗ୍ରାମର ପାଖାପାଖି ୨୫ ହଜାରରୁ ଅଧିକ ଲୋକ ବିଭିନ୍ନ ସରକାରୀ ପ୍ରମାଣପତ୍ର ସହ ଜମିଜମା କାଗଜାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରକାଶଯେ, ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପାଇଁ ଧାମନଗର ତହସିଲ ଅନ୍ତର୍ଗତ ଧାମନଗର, ଅସୁରାଳି, ରାଧାବଲ୍ଲଭପୁର, ଶହୀଦନଗର, ଦଇପୁର, ଦେଉଳଡିହି ଏହି ସବୁ ରେଭିନ୍ୟୁ ସର୍କଲ ଅନ୍ତର୍ଗତ ପଳିକିରି, ଜୟନଗର, ସରପୁର, ଧୂଷୁରୀ, ଦେଉଳଡିହି, ଧର୍ମାଗତପୁର, ମଠଦପୁର ଆଦି ୭ଟି ମୂଳ ରାଜସ ମୌଜାରୁ କାଙ୍କରା, ମୁନସିପାଟଣା, ବାଇଦପୁର, କେଳାଙ୍ଗଶାସନ, ଲେଙ୍କାସାହି,




ଜଗନ୍ନାଥ ସାହି, ବନ୍ଧସାହି, ଜଗନ୍ନାଥ ବାଡି ସମେତ ୮ଟି ନୂତନ ରାଜସ ମଠଜା ଗଠନ ପାଇଁ ୨୦୧୨ ମସିହାରେ ତତ୍କାଳିନ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ନାମା ଦେଇଥିଲେ । ଫଳରେ ଉପାଲିଖିତ ୭ଟି ପୁରୁଣା ମୌଜାର ଜନସାଧାରଣଙ୍କ ତହସିଲ ସମ୍ପର୍କିତ କାଗଜାତ ବାହାର କରିବା କାର୍ଯ୍ୟ ବନ୍ଦ କରାଯାଇଥିଲା । ଏହି ଆଦେଶ ଯୋଗୁଁ ଉପର ୭ଟି ରାଜସ୍ୱ ମୌଜାର ଲୋକମାନେ ନିମ୍ନଲିଖିତ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଯଥା-ନାମଜାରୀ ନକରି ପାରିବା, କିସମ ପରିବର୍ତ୍ତନ ନକରି ପାରିବା, କବଲାମୂଳେ ଦଲିଲ ନକରି ପାରିବା, ସମ୍ପତି ବିଭାଗ ବଣ୍ଟା ନ କରି ପାରିବା । ଏହି ଭଳି ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବିସିପି ବା ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ କାର୍ଯ୍ୟପାଇଁ ଅନ୍ୟ ତହସିଲ କାର୍ଯ୍ୟାଳୟରେ ସରକାରଙ୍କ ପକ୍ଷରୁ ଜଣେ ୨ଜଣ ଲେଖାଏଁ ଅମିନ ନିଯୁକ୍ତ ହୋଇ କାର୍ଯ୍ୟ ଆରମ୍ଭ କରି ସରିଥିବା ବେଳେ ଧାମନଗର ତହସିଲରେ ନୂତନ ଅମିନ ନିଯୁକ୍ତି ହୋଇଥିଲେ ମଧ୍ୟ ଏହି ପ୍ରକ୍ରିୟା ନ ଆଗେଇ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରୁଛି । ଏପଟେ ସରକାରଙ୍କ ରାଜସ୍ୱ ବହୁ ମାତ୍ରାରେ କ୍ଷତି ହେଉଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ମନୋଭାବ ଯୋଗୁଁ ଉପରୋକ୍ତ ୭ଟି ରାଜସ୍ୱ ଗ୍ରାମର ୨୫ ହଜାରରୁ ଅଧିକ ଜନସାଧାରଣ ଦୀର୍ଘ ୭ବର୍ଷରୁ ଅଧିକ ହେବ ତହସିଲ କାର୍ଯ୍ୟାଳୟରୁ ସରକାରୀ କାଗଜପତ୍ର ଯୋଗାଡ କରି ନ ପାରି ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଧିକାରୀ ମାନେ ସରକାରୀ ଯୋଜନାକୁ ଲୋକଙ୍କ ଦୁଆର ମୁହଁରେ ପହଞ୍ଚାଉଥିଲା ବେଳେ ଏଠାରେ ଜନସାଧାରଣ ସରକାରୀ କାର୍ଯ୍ୟାଳୟକୁ ଦୌଡି ଦୌଡି ଆବଶ୍ୟକ କାଗଜପତ୍ର ନ ପାଇବା ଲୋକଙ୍କ ମନରେ ନିରାଶ ଭାବ ସୃଷ୍ଟି କରୁଛି । ଜନସାଧାରଣ ଅଭିଯୋଗ କ୍ରମେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏବଂ ରାଜସ୍ୱ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ବେଳେ ନିର୍ଦ୍ଦିଷ୍ଟ ରାଜସ୍ୱ ଗ୍ରାମର ଲୋକମାନେ ଏ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, କେନ୍ଦ୍ରାଞ୍ଚଳର ରାଜସ୍ୱ ଆୟୋଗଙ୍କୁ ଅଭିଯୋଗ ପ୍ରେରଣ କରିଛନ୍ତି । ଭଦ୍ରକ ଜିଲ୍ଲାପାଳ ଏବଂ ରାଜସ୍ୱ ବିଭାଗର ଅଧିକାରୀ ମାନେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ଦୃଷ୍ଟି ଦେଇ ନୂତନ ରାଜସ୍ୱ ଗ୍ରାମ ଗଠନର କାର୍ଯ୍ୟକୁ ଯଥାଶୀଘ୍ର ସାରି ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ଅସୁବିଧା ଦୂର କରିବାକୁ ଅଞ୍ଚଳବାସୀଙ୍କ ସହ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି ।

# ଅଙ୍ଗନବାଡ଼ି କେନ୍ଦ୍ରରେ ପୂଜା ପାଇଲେନି ବାଗ୍‌ଦେବୀ

**ଆଗରପଡ଼ା, ୧୪ ।୨(ସମିସ):** ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବରେ ବାଗଦେବୀଙ୍କ ପୂଜାର୍ଚ୍ଚନା ପାଳିତ ହୋଇଥିବା ବେଳେ ରାଣୀପୁର ଅଙ୍ଗନବାଡ଼ି କେନ୍ଦ୍ରରେ ବାଗ୍‌ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇନଥିବା ନେଇ ଅଭିଯୋଗ ହୋଇଛି । ରାଣୀପୁର ଅଙ୍ଗନବାଡ଼ିରେ ଅଧ୍ୟୟନରତ କୁନିକୁନିପିଲା ମା'ଙ୍କ ପୂଜା ପାଇଁ ଅନୁଷ୍ଠାନରେ ପହଞ୍ଚିବା ବେଳକୁ ଅନୁଷ୍ଠାନ ବନ୍ଦ ଥିବା ଦେଖିବାକୁ ପାଇଥିଲେ । ଏହା ଜଣାପଡ଼ିବା ପରେ ଅଭିଭାବକମାନେ ଏହାର କାରଣ ଜାଣିବାକୁ ଚାହିଁଥିଲେ । ଏହାର କାରଣ ଜାଣିବାକୁ କେନ୍ଦ୍ର କର୍ମୀଙ୍କ ସମେତ ସୁପରଭାଇଜରଙ୍କୁ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିଲା । ପରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧିଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ କର୍ମୀ ଅସୁସ୍ଥତା କାରଣରୁ ପୂଜା କରି ନ ଥିବା ପ୍ରକାଶ କରିଥିବା ସେ କହିଥିଲେ । ତେଣୁ ନିଜ ଅସୁସ୍ଥତା ଯୋଗୁଁ ଶିକ୍ଷାନୁଷ୍ଠାନରେ ମା'ଙ୍କୁ ପୂଜା ନକରି ପିଲାଙ୍କୁ ଏଥିରୁ ବଂଚିତ କରିବା କେତେ ଯୁକ୍ତଯୁକ୍ତ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହାର ବିଧିବଦ୍ଧ ତଦନ୍ତ ବିଭାଗ ତରଫରୁ କରାଯିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।




# ମହାସମାରୋହରେ ବାଗ୍‌ଦେବୀଙ୍କ ପୂଜା ପାଳିତ

ଭଦ୍ରକ, ୧୪।୨(ସମିସ)

ବାଗ୍‌ଦେବୀ ମା' ସରସ୍ୱତୀଙ୍କର ପୂଜା ଉତ୍ସବ ଭଦ୍ରକରେ ଆଜିଠାରୁ ବେଶ୍ ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି । ଆଜି ଭଦ୍ରକ ସହରର ପ୍ରସିଦ୍ଧ ଲୋକନାଥ ମନ୍ଦିର, ଦକ୍ଷିଣେଶ୍ୱର କାଳୀ ମନ୍ଦିର, ଟେଲିଫୋନ୍ ଭବନ,



ମାକ୍ରୋୱେଭ ଟେକ୍‌ନୋଲୋଜି, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିଭିନ୍ନ ମେସ୍ ଓ ହଷ୍ଟେଲ, ରସାୟନ ବିଭାଗ, ପ୍ରଫେସନାଲ ପିଜି ଆଣ୍ଡ ୟୁଜି ଡିପାର୍ଟମେ, ସାଳନ୍ଦୀ ଆବାସିକ ମହାବିଦ୍ୟାଳୟ, ରୟାଲ ଆବାସିକ ମହାବିଦ୍ୟାଳୟ, ପ୍ରେସିଡେନ୍ସି କଲେଜ, ବିନାୟକ କଲେଜ, ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ ସ୍କୁଲ, ମହିଳା ମହାବିଦ୍ୟାଳୟ, ଜିଲାସ୍କୁଲ, ବାଗୁରାଇ ସ୍କୁଲ, ସରକାରୀ ବାଳିକା ମହାବିଦ୍ୟାଳୟ, ଏନ୍‌ସି ହାଇସ୍କୁଲ, ଶିଶୁ ମନ୍ଦିର, ଅସ୍ଥଳସ୍ଥିତ ଚମ୍ପିୟାନ କ୍ଲବ୍, ରାଜଘାଟ ଛକସ୍ଥିତ ଫ୍ରେଣ୍ଡସ୍ କ୍ଲବ୍, ସୂର୍ଯ୍ୟଶିଖା କ୍ଲବ୍ ସମେତ ଅପର୍ତ୍ତିବିନ୍ଧା, ମଠସାହି, ବଙ୍କସାହି, ଗବସାହି, ବାଇପାସ୍, ଜଗନ୍ନାଥପୁର, ପ୍ରାଚୀନଗର, ଆଚାର୍ଯ୍ୟନଗର, ବାଗୁରାଇ, ମଣିସାହି, ରାନ୍ଦିଆ, ଜାନୁଗଂଜ, ଚରମ୍ପା, ଟେଲିଫୋନ୍ ଭବନ ଭଳି ବିଭିନ୍ନ ସ୍ଥାନରେ ବାଗ୍‌ଦେବୀଙ୍କର ପୂଜୋତ୍ସବ ପାଳିତ ହୋଇଯାଇଛି । ଏଥିପାଇଁ ଭଦ୍ରକ ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଉପାସନାଧାରୀ ଶ୍ରଦ୍ଧାଳୁମାନେ ମା'ଙ୍କ ପୂଜାର୍ଚ୍ଚନା ପରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ।

**ଧାମନଗର :** ଧାମନଗର ବ୍ଲକ, ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା ବିଦ୍ୟାଳୟରେ ମା' ସରସ୍ୱତୀଙ୍କ ପୂଜା ପାଳନ କରାଯାଇଛି । ଧାମନଗର ଫିଡର ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ର ନୋଡାଲ ବିଦ୍ୟାଳୟ, ଜଗନ୍ନାଥ ବିଦ୍ୟାମନ୍ଦିର, ଅନନ୍ତକେଶରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତାଳପଦା ନୋଡାଲ ବିଦ୍ୟାଳୟ, ଧାମନଗର ମହାବିଦ୍ୟାଳୟ ସମେତ ଅନ୍ୟ ବିଦ୍ୟାଳୟରେ ସରସ୍ତୀ ପୂଜା ଉତ୍ସବ ପାଳନ କରାଯାଇଛି । ସେହିପରି ଚୁଡାକୁଟି, ଦଇପୁର, ଗୋବିନ୍ଦପୁର, କଲ୍ୟାଣୀ, ବୟାଙ୍ଗଡିହ, ରାଧାବଲ୍ଲଭପୁର, ପଳିକିରୀ ଭଗବାନପୁର ଉଚ୍ଚ ବିଦ୍ୟାଳୟ, ପଳିକରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅନହରପୁର ପ୍ରାଥମିକ ବିଦ୍ୟାଳୟ, ଷୋଳଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେଶବନ୍ଧୁ ନୋଡାଲ ବିଦ୍ୟାଳୟ, ଅସୁରାଳି ଉଚ୍ଚ ବିଦ୍ୟାଳୟ, ମୂରଲୀଧର ଉଚ୍ଚ ବିଦ୍ୟାଳୟ, ଆଖଣ୍ଡଳମଣି ମହାବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସାରଦାଦେବୀ ମହାବିଦ୍ୟାଳୟ, ଜାଗୁଲାଇ ନୋଡାଲ ବିଦ୍ୟାଳୟ, ବାପୁଜୀ ନୋଡାଲ ଓ ଉଚ୍ଚ ବିଦ୍ୟାଳୟ, ହିନ୍ଦୁ ପ୍ରାଥମିକ ମହାନ୍ତି ସାହି ସମେତ ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ପୂଜା ପାଳିତ ହୋଇଥିଲା ।

**ଭଦ୍ରକ :** ଭଦ୍ରକ ଗେଲପୁର ପଞ୍ଚାୟତ ସାମରାଇପୁରସ୍ଥିତ ମହାବୀର ନଗରରେ ୨ୟ ବର୍ଷ ମା' ସରସ୍ୱତୀଙ୍କ ପୂଜୋତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ନଗର ବାସୀଙ୍କ ପକ୍ଷରୁ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ସହିତ ଏକ ବନ୍ଧୁମିଳନ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ମହାବୀର କଲୋନୀର ସହ ସମ୍ପାଦକ ଅତନୁ କୁମାର ପାତ୍ର ଓ ତାଙ୍କ ଧର୍ମପତ୍ନୀ ଶୁଭଲିପ୍ସା ପାତ୍ର ପୂଜାରେ ସଂକଳ୍ପ କରିଥିବାବେଳେ ନିର୍ମଳଚନ୍ଦ୍ର ବେହୁରିଆ, ତୁଷାରକାନ୍ତି ବାରିକ, ପ୍ରମୋଦ ରାୟ, କମଳାକାନ୍ତ ନାୟକ, ଚୈତନ୍ୟ ମହାପାତ୍ର, ପ୍ରତାପ



ସାହୁ, ରାଜେନ୍ଦ୍ର ଜେନା, ବିଦ୍ୟାଧର ସାହୁ, ଯୁଧିଷ୍ଠିର ସାହୁ, ଉମାକାନ୍ତ ପଲେଇ, ଦିବାକର ସେଠୀ, ପ୍ରମୋଦ ନାୟକ, ଗଂଗାଧର ପାଣିଗ୍ରାହୀ, ଇତିଶ୍ରୀ ଦାସ, ପ୍ରମୋଦ ନାୟକ, ପ୍ରଭାତ କିଶୋର ଦାସ, ଇଂ ହିମାଂଶୁ ଶେଖର ପାତ୍ର, ଲକ୍ଷ୍ମୀଧର ଜେନା, ଜ୍ଞାନରଂଜନ ମହାନ୍ତି, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିବା ସହ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ ।

**ମଞ୍ଜୁରୀରୋଡ୍ :** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ଉତ୍ସବ ପାଳିତ ହୋଇଛି । ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଠାରେ ବିକେ ସରସ୍ୱତୀଙ୍କ ଭୋଉଣୀଙ୍କ ସଂଯୋଜନାରେ ପୂଜା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଥାନା ସହକାରୀ ଅଧିକାରୀ ବୈଦ୍ୟନାଥ ସୋରେନ, ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ଏସଆଇ ଭାନୁଚରଣ ସିଂ, ଉଦୟନାଥ ପାତ୍ର ପ୍ରମୁଖ ଯୋଗଦେଇ ଥିଲେ । ଉତ୍ସବରେ ଶହେରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ସମେତ ହାରାମଣୀ ବାଳିକା ବିଦ୍ୟାଳୟ, ସରସଦା, ମାଳଦା, ରହଣିଆ, ବାଲିପୋଖରୀ, ଯଶୋଟିକିରି, ଆଖୁଆପଦା, ଜଗନ୍ନାଥପ୍ରସାଦ, ନାଆମୀ, କୁଲଣା ପ୍ରମୁଖ ବିଦ୍ୟାଳୟ ଗୁଡିକରେ ବିଦ୍ୟାର୍ଥୀମାନେ ସରସ୍ୱତୀଙ୍କୁ



ପୂଜାର୍ଚ୍ଚନା କରିଛନ୍ତି ସେହିଭଳି ରାଢୋ, ତୁଳସୀପୁର, ଏକଗୋଲା, ନେରଡା, ଫତେପୁର ପ୍ରମୁଖ ସ୍ଥାନରେ ଥିବା ଯୁବକ ସଂଘ ପକ୍ଷରୁ ପୂଜା ବେଶ ଧୁମଧାମରେ ପାଳିତ ହୋଇଛି ।

**ଅସୁରାଳି :** ଧୂଷୁରୀ ଓ ଅସୁରାଳି ଅଞ୍ଚଳରେ ବିଦ୍ୟା ଦାୟିନୀ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା ଖୁବ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ବିଭିନ୍ନ ଅନୁଷ୍ଠାନ ତଥା ଦୁର୍ଗା ଦେବୀ ନୋଡାଲ ପ୍ରାଥମିକ ବିଦ୍ୟାଳୟ, କଲ୍ୟାଣୀ ନଗରୀ ମହାବୀର ଯୁବକ ସଂଘ, ଝାରଡିଆ ନୋଡାଲ, ଝାଡେଶ୍ୱର ଉଚ୍ଚ ବିଦ୍ୟାପୀଠ, କଲ୍ୟାଣୀ ଉଚ୍ଚ



ବିଦ୍ୟାଳୟ, ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧୂଷୁରୀ ସରସ୍ୱତୀ ଶିଶୁ ମନ୍ଦିର, ଦାସ ସାହି ପ୍ରାଥମିକ ବିଦ୍ୟାଳୟରେ ମା'ଙ୍କ ପୂଜା କରାଯାଇଛି ।

**ଭଣ୍ଡାରିପୋଖରୀ :** ଭଣ୍ଡାରିପୋଖରୀ ଅଞ୍ଚଳରେ ମା ସରସ୍ୱତୀ ପୂଜା ପାଳନ କରାଯାଇଛି । ନାଆମୀ ପଞ୍ଚାୟତ ଛଞ୍ଚଣା ଉପ୍ରା ବିଦ୍ୟାଳୟ ଓ ଶଙ୍ଖୁଳା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ତୁଳସୀପୁର ଉପ୍ରା ବିଦ୍ୟାଳୟ, ରହଣିଆ ହାଇସ୍କୁଲ, ଭଣ୍ଡାରିପୋଖରୀ ହାଇସ୍କୁଲ, ମଣିନାଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିପୋଖରୀ ଶୁକଦେବଜେନା ଉଚ୍ଚବିଦ୍ୟାଳୟ, ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର, ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର, ରହଣିଆ ସରସ୍ୱତୀ ଶିଶୁମନ୍ଦିର, ଷୋଳମପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ବାଘମରା ସରସ୍ୱତୀ ଶିଶୁମନ୍ଦିର, ଉତ୍କଳ କମ୍ପୁଟର ଏକାଡେମୀ ଛାତ୍ରଛାତ୍ରୀମାନେ ବିଦ୍ୟାଦାୟିନୀଙ୍କ ଆବାହନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।

# ବିଷ୍ଣୁପୁର ସ୍କୁଲରେ ବାର୍ଷିକୋତ୍ସବ

**ଭଣ୍ଡାରିପୋଖରୀ, ୧୪।୨(ସମିସ):** ଏହି ବ୍ଲକର ବିଷ୍ଣୁପୁର ଉପ୍ରା ବିଦ୍ୟାଳୟ ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ପବିତ୍ର ସରସ୍ୱତୀ ପୂଜା ପାଳନ ଅବସରରେ ବୁଧବାର ଅନୁଷ୍ଠିତ ହୋଇଛି । ଏହି ଉତ୍ସବକୁ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି, ସାହିତ୍ୟିକ କାର୍ତ୍ତିକ ସ୍ୱାଇଁ ମୁଖ୍ୟବକ୍ତା, ସମିତି ସଭ୍ୟା ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ଶିକ୍ଷାସଂଯୋଜକ ଅଜୟ କୁମାର ରାୟ, ଏସଏମ୍‌ସି. ସଭାପତି ସନାତନ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସଏମସି. ସଦସ୍ୟା ମମିତା ସାହୁ, ସୁଚିସ୍ମିତା ପଣ୍ଡା, ମୋସ୍କୁଲ ଅଭିଯାନର ପ୍ରସନ୍ନ ରାଉତ, ସନ୍ତୋଷ ପାଣିଗ୍ରାହୀ, ବିଦ୍ୟାଧର ସେଠୀ, ମୁକ୍ତିକାନ୍ତ ସାହୁ, ଦୀପକ ପାଣିଗ୍ରାହୀ ଓ ଶିକ୍ଷାବିତ ପଦ୍ମନାଭ ପାଣି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ, ସହଶୈକ୍ଷିକ ଓ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ପ୍ରୀତିପଦ୍ମା ଦାଶ ଅତିଥି ପରିଚୟ, ପଦ୍ମାବତୀ କର ସ୍ୱାଗତ ଭାଷଣ, ଶିକ୍ଷକ ଜୟଦେବ ସେନାପତି ଉଦ୍ଦେଶ୍ୟଜ୍ଞାପନ ଓ ଶିକ୍ଷୟତ୍ରୀ ବାସନ୍ତିଲତା ରାଉତ ଧନ୍ୟବାଦ ଦେଇଥିଲେ । ଶିକ୍ଷକ ଶଶିକାନ୍ତ ପତି ଓ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ ।

# ଭାଉଜକୁ ଖୁଣ୍ଟରେ ବାନ୍ଧି ଗୁରୁତର କଲା ଦିଅର

**ଦୋବଲ, ୧୪ ।୨(ସମିସ):** ଦୋବଲ ପଞ୍ଚାୟତ ସୋଧ ଗ୍ରାମର ନରୋତ୍ତମ ବାରିକ ଓ ସାନ ଭାଇ ଅଭିମନ୍ୟୁ ବାରିକଙ୍କ ମଧ୍ୟରେ ଜମିଜମା ଭାଗବଣ୍ଟାକୁ ନେଇ ବିଭିନ୍ନ ସମୟରେ ବିବାଦ ଦେଖାଦେଇଛି । ଏହି ଘଟଣା ଗତ ରବିବାର ଏହାର ଉଗ୍ର ରୂପ ନେଇଥିଲା । ବଡ଼ ଭାଇ ଘରେ ନ ଥିବାବେଳେ ସ୍ତ୍ରୀ ରମାମଣିକୁ ଦିଅର ଅଭିମନ୍ୟୁ ଗାଁ ଦାଣ୍ଡରେ ଏକ ଖୁଣ୍ଟରେ ବାନ୍ଧି ଅମାନୁଷିକ ଭାବେ ମାଡ଼ ମାରି ଗୁରୁତର କରିଛି । ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଏହି ଭିଡିଓରେ ଆହୁରି ଦେଖିବାକୁ ମିଳିଛି, ରାମମଣୀଙ୍କ ପାଟିରେ ଯା ଓ ଝିଆରୀ କପଡ଼ା




ପୁରାଇ ଅଣନିଶ୍ୱାସୀ କରିବା ପାଇଁ ଚେଷ୍ଟା କରୁଥିବା ସହିତ ପିଟୁଥିବା ଦେଖିବାକୁ ମିଳିଛି । ଯେଉଁଥିରେ ରମାମଣି ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ରମାମଣୀଙ୍କ ସ୍ୱାମୀ ଓ ପୁଅ ମୂକ ଓ ବଧିର ତେଣୁ ସାନ ଭାଇ ଏମାନଙ୍କୁ ମାଡ଼ ମାରି ଡ଼ରାଇ ଧମକାଇ ଘରୁ ବାହାର କରି ଜମିବାଡ଼ି ହଡ଼ପ କରିବାକୁ ଉଦ୍ୟମ କରୁଥିବା ରମାମଣି ଧାମନଗର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଧାମନଗର ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ସୂଚନା ଦେଇଛି । ତେବେ ପୂର୍ବରୁ ଏହି ଦୁଇ ଭାଇଙ୍କ ପରିବାର ମଧ୍ୟରେ ଜମିଜମା ଘଟଣାକୁ ନେଇ ଥାନାରେ ମାମଲା ରହିଛି ।

ସକାଳ
THE SAKALA



## ଡିସଟିଭି ବିକ୍ରେତାଙ୍କ ବୈଠକ

ପାଣିକୋଇଲି, ୧୪।୨(ସମିସ): ଯାଜପୁର ଜିଲ୍ଲାର ଡିସଟିଭିର ଅଧିକୃତ ବିକ୍ରେତାଙ୍କ ଏକ ବୈଠକ ପାଣିକୋଇଲି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବ୍ଲୁଆଇ ଏଣ୍ଟରଟେନମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଡିସଟିଭିର କେନ୍ଦ୍ରୀୟ ମୁଖ୍ୟ ପଙ୍କଜ ସରଦାନା, ସମ୍ମାନିତ ଅତିଥି ଭାବେ ସଂସ୍ଥାର ଲୋକାଲ କେବୁଲ ଅପରେଟରଙ୍କ ମୁଖ୍ୟ ଜୋରାୱର ସିଂ ଓ ସର୍କଲ ମୁଖ୍ୟ ସଂଗ୍ରାମ ଜେନା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଶା ମୁଖ୍ୟ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ଡିସଟିଭିର ବିକ୍ରେତାଙ୍କୁ ପୁରସ୍କୃତ କରିଥିଲେ। ଷଠିପୁରର ବିକ୍ରେତା ପ୍ରମୋଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ଡିସଟିଭି ବିକ୍ରେତା ଅଂଶଗ୍ରହଣ କରିଥିଲେ।

## ପାଣିକୋଇଲି ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ପାଣିକୋଇଲି, ୧୪।୨(ସମିସ): ପାଣିକୋଇଲି ପଞ୍ଚାୟତ କାର୍ଯ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭେଷଜ ଡାକ୍ତର ସାଇ ପ୍ରସାଦ ପରିଡ଼ା, ଅସ୍ତ୍ରୋପଚାର ଡାକ୍ତର ପ୍ରମିଳ କୁମାର ପ୍ରଧାନ, ଅସ୍ଥିଶଲ୍ୟ ଡାକ୍ତର ଅବିନାଶ ରାଉତ, ଚକ୍ଷୁ ବିଜ୍ଞାନ ଡାକ୍ତର ସଞ୍ଜୟ ସାହୁ ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିଥିଲେ। ଯାଜପୁର ଜିଲ୍ଲା ସଂଯୋଜକ ଅଜୟ କୁମାର ଗୁଇଁଙ୍କ ତତ୍ତ୍ୱାବଧାନରେ ଲାବ କ୍ୟାମ୍ପ ଇନଚାର୍ଯ୍ୟ ରାଜକିଶୋର ଦାସ, ଟେକ୍ନିସିଆନ ରୁଦ୍ରପ୍ରସାଦ ସାହୁ, ନର୍ସ ଲୋପାମୁଦ୍ରା ପାତ୍ର, ସ୍ୱସ୍ତି ଧଳ, ରୁଦ୍ରମାଧବ ନାୟକ, ଦେବାଶିଷ ପରିଡ଼ା ପ୍ରମୁଖ ରୋଗୀଙ୍କ ପରୀକ୍ଷାରେ ସହଯୋଗ କରିଥିଲେ। ଏହି ଶିବିରରେ ୧୭୫ ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଔଷଧ ଗ୍ରହଣ କରିଥିଲେ। ସରପଞ୍ଚ ପଦ୍ମାବତୀ ପଣ୍ଡା ଓ ସହଯୋଗୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଣିକୋଇଲି ଥାନା ଅଞ୍ଚଳରେ ସିରିଜ ଚୋରି ଅଭିଯୋଗ

ପାଣିକୋଇଲି, ୧୪।୨(ସମିସ):ପାଣିକୋଇଲି ଥାନା ସମ୍ମୁଖରେ ଥିବା ମହାବୀର କଲୋନୀ ପରିସରରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୁଇଜଣଙ୍କ ଘରୁ ଚୋରି ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହେବା ପରେ ତୃତୀୟ ବ୍ୟକ୍ତିଙ୍କ ଘରେ ପଶି କଳାକନା ବୁଲାଇ ଦେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରୁଛି। ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପଛରେ ଥିବା ମହାବୀର କଲୋନୀରେ ଗୃହ ନିର୍ମାଣ କରି ରହୁଥିବା ବିରଞ୍ଚି ନାରାୟଣ ବିଶ୍ୱାଳଙ୍କ ଘର ଗେଟ ଭାଙ୍ଗି ଚୋରମାନେ ପଶିବାକୁ ଉଦ୍ୟମ କରିବାବେଳେ ଘରଲୋକ ଉଠି ପଡ଼ିଥିଲେ। ଫଳରେ ସେମାନେ ପଳାଇଯାଇଥିଲେ। ପରେ ଶରତ ବିଶ୍ୱାଳଙ୍କ ଝରକା ଗ୍ରିଲ ତାଡ଼ିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉକ୍ତ କଲୋନୀ ପରିସରରେ ରହୁଥିବା ଯାଜପୁର ପୁଲିସର କନେଷ୍ଟବଳ ପ୍ରହ୍ଲାଦ ବିଶ୍ୱାଳଙ୍କ ଘରେ ପଶି କଳାକନା ବୁଲାଇ ଦେଇଛନ୍ତି। ଘରର ଝରକା ତାଡ଼ି ଗଦରେଜ ଭାଙ୍ଗି ନଗଦ ୯୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ପାଟଶାଢୀ ନେଇଯାଇଛନ୍ତି। ଏ ନେଇ ଶ୍ରୀ ବିଶ୍ୱାଳ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳ ଓ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ସନ୍ଧାନୀ କୁକୁର ଓ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛନ୍ତି।

## କଂଗ୍ରେସ ନେତାଙ୍କ ମାତୃ ବିୟୋଗ

ବଡ଼ଚଣା, ୧୪।୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତର କଂଗ୍ରେସ ସଭାପତି ସେକ ମମତାଜ ଅଲ୍ଲୀଙ୍କ ମାତା ଜେନବ ବିବି (୯୦ ବର୍ଷ) ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବଡ଼ଚଣା ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ଯାଜପୁର ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ସୁଲତାନ ସୈଫୁଉଲ୍ଲା ଖାଁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ ସାମଲ, ଅଖତର ଆଲାମ ଖାଁ, ସେକ କମାଲ ଅନୱାର, ସରପଞ୍ଚ ନୁରଜାହା ବେଗମ, ନଳୀପୁର ସରପଞ୍ଚ ସେକ ଅବଦୁଲ ଗନୀ, ନଳୀପୁର ପଞ୍ଚାୟତ ସଭାପତି ଖଗେଶ୍ୱର ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଯାଜପୁର, ୧୪।୨ ( ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଉପରବରୁହାଁ ପଞ୍ଚାୟତ କଚେରୀ ଗାଁର ଧର୍ମପରାୟଣ ବ୍ୟକ୍ତି ତଥା ବିଶେଶ୍ୱର ମନ୍ଦିର ପୂଜକ କଳ୍ପତରୁ ପଣ୍ଡାଙ୍କ ପରଲୋକ ଘଟିଛି। ସେ ଗତ କିଛିଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ଆଜି ସକାଳ ୮ ଘଟିକା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ମୃତ୍ୟୁ ଖବର ପାଇବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶବ ସତ୍କାର କରାଯାଇଥିଲାବେଳେ ପୁତ୍ର ମାନସ ମୁଖାଗ୍ନି ଦେଇଥିଲେ।

## ଛାତ୍ରୀ ନିଖୋଜ ଅଭିଯୋଗ

ସୁକିନ୍ଦା, ୧୪।୨(ସମିସ): ଗତ ସୋମବାର ଦିନ ସୁକିନ୍ଦା ଥାନା ଅନ୍ତର୍ଗତ ଇଛାପୁର ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୁକିନ୍ଦା ଥାନା ଅନ୍ତର୍ଗତ ଇଛାପୁର ଗ୍ରାମର ଛାତ୍ରୀ ସୋମବାର ବିଦ୍ୟାଳୟକୁ ଯାଇ ଫେରି ନ ଥିଲେ। ଝିଅ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଅନେକ ଖୋଜା ଖୋଜି କରି ନିରାଶ ହେବାପରେ ମଙ୍ଗଳବାର ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ଜଣେ ଗୁରୁତର

ସୁକିନ୍ଦା, ୧୪।୨ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ କଣ୍ଟାପାଳ ଗ୍ରାମ ନିକଟ ରେଙ୍ଗାଲି କେନାଲ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣା ଘଟି ପିମ୍ପୁଡିଆ ଗ୍ରାମ ରାମ ମହାନ୍ତ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ପିମ୍ପୁଡିଆ ଗ୍ରାମର ହାଡିବନ୍ଧୁ ମହାନ୍ତଙ୍କ ପୁଅ ରାମ ମହାନ୍ତ (୩୩) କଣ୍ଟାପାଳ ବନ୍ଧୁ ଘରକୁ ଯାଇ ଫେରୁଥିବା ସମୟରେ ରେଙ୍ଗାଲି କେନାଲ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

### ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି

# ଜିଲ୍ଲା ପ୍ରଶାସନ ଓ ରାଜନୈତିକ ଦଳ ବୈଠକ

ଯାଜପୁର, ୧୪।୨(ସମିସ):



ଆଉ କେଇଟା ଦିନ ପରେ ହେବ ସାଧାରଣ ନିର୍ବାଚନ। ଏହି ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରାର୍ଥୀଙ୍କ ନିମନ୍ତେ ବ୍ୟବହୃତ ଜିନିଷ ପତ୍ର ତଥା ଅନ୍ୟାନ୍ୟ ଦ୍ରବ୍ୟ, ସରଞ୍ଜାମ ଦିନକ ପ୍ରତି ଧାର୍ଯ୍ୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଟେଣ୍ଟ, ଯାନ, ସିଲିଂ ଫ୍ୟାନ, ପ୍ଲାଷ୍ଟିକ ଚେୟାର, ଟେବୁଲ, ପୋଡ଼ିଅମ୍, ଜେନେରେଟର, ଲାଉଡ ସ୍ପିକର, ଖାଦ୍ୟ ପଦାର୍ଥ, ବସ, ପାଣି ଟାଙ୍କି, ବାଉଁଶ, ଗେଟ, କାର୍ପେଟ, ଷ୍ଟାର କ୍ୟାମ୍ପେନର, ଡିଜି ସେଟ୍, ବ୍ୟାନର, କ୍ୟାପ, ହୋର୍ଡିଂ, ପୋଷ୍ଟର, ଭିଡିଓଗ୍ରାଫି, ପେନ୍, ପାଣି ବୋତଲ, ଡ୍ରମ ପାର୍ଟି, ରିଷ୍ଟ ବ୍ୟାଣ୍ଡ, ଅଡିଓ, ଭିଡିଓ, କେବୁଲ୍ ଟିଭି, ନ୍ୟୁଜ୍ ପେପର୍, ଫେସବୁକ୍, ୟୁଟ୍ୟୁବରେ ବିଜ୍ଞାପନ ଇତ୍ୟାଦି ବିଭିନ୍ନ ପ୍ରକାର ଆଇଟମର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକୃଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ଦଳାଇ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ବି. ସାହୁ, ସହକାରୀ ବେସାମରିକ ଯୋଗାଣ ଅଧିକାରୀ ଜେସି ଟୁଡୁ, ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ପ୍ରତିନିଧି ଦୁର୍ଯ୍ୟୋଧନ ବେହେରା, ବିଜୁ ଜନତା ଦଳ ପ୍ରତିନିଧି ରମଣୀ ରଞ୍ଜନ ରାଉତରାୟ, ଭାରତୀୟ ଜନତା ପାର୍ଟି ପ୍ରତିନିଧି ସୁଦୀପ୍ତ କୁମାର ପଣ୍ଡା, ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଅଜୟ ପଣ୍ଡା, ଯାଜପୁର ଆରଟିଓ ନୀଳକଣ୍ଠ ପ୍ରଧାନ, ଡେପୁଟି କଲେକ୍ଟର ଶାଶ୍ୱତୀ ସାହୁଆଲ୍, ଡେପୁଟି କଲେକ୍ଟର (ନିର୍ବାଚନ) ରଶ୍ମିରଞ୍ଜନ ମଲ୍ଲିକ, ଡିଆଇପିଆରଓ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ଯୋଗ ଦେଇଥିଲେ।

### ● ୧୬ରୁ +୨ ପରୀକ୍ଷା

## ଧର୍ମଶାଳା ବ୍ଲକରେ ୨୦୭୧ ପରୀକ୍ଷାର୍ଥୀ

ଧର୍ମଶାଳା, ୧୪।୨ (ସମିସ): ଚଳିତ ମାସ ୧୬ ତାରିଖରୁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ ଧର୍ମଶାଳା ବ୍ଲକରେ ଚଳିତଥର ୮ଟି +୨ କଲେଜର ୨୦୭୧ ଜଣ ପରୀକ୍ଷାର୍ଥୀ ୬ଟି ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ଧର୍ମଶାଳା ମହାବିଦ୍ୟାଳୟକୁ ହବ ସେଣ୍ଟର କରାଯାଇଛି। ଏହି ହବ ସେଣ୍ଟରରୁ ୬ଟି ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଦିନ ସକାଳ ୭ରୁ ପ୍ରଶ୍ନପତ୍ର ପଠାଯିବ। ପ୍ରଶ୍ନପତ୍ର ନେଇ ଯାଇଥିବା ଅଧ୍ୟାପକମାନେ ସେଠାରେ ପରୀକ୍ଷା ପରିଚାଳନା କରିବା ସହିତ ଉତ୍ତର ଖାତା ସଂଗ୍ରହ କରି ହବ ସେଣ୍ଟରକୁ ଆଣିବେ। ଏହି ବ୍ଲକର ବିଭିନ୍ନ +୨ କଲେଜରେ କଳାରେ ୧୪୧୬ ଜଣ, ବିଜ୍ଞାନରେ ୬୩୮ ଓ ବାଣିଜ୍ୟରେ ୧୭ ଜଣ ମୋଟ ୨୦୭୧ ଜଣ ପରୀକ୍ଷା ଦେବେ।ଧର୍ମଶାଳା +୨ କଲେଜରେ କଳାରେ ୨୨୭, ବିଜ୍ଞାନରେ ୧୬୧, ବାଣିଜ୍ୟରେ ୧୭ ଜଣ, ମୁକୁନ୍ଦପାତ୍ର ଜୁନିଅର କଲେଜରେ କଳାରେ ୨୫୫, ବିଜ୍ଞାନରେ ୧୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ଜେନାପୁର ଜୁନିଅର କଲେଜରେ କଳାରେ ୨୫୪ ଜଣ ଓ ଧର୍ମଶାଳା ମହିଳା +୨ କଲେଜରେ କଳାରେ ୧୧୭ ଜଣ ପରୀକ୍ଷା ଦେବେ। କୋଠପୁରସ୍ଥ ବଜ୍ରଗିରି ଜୁନିଅର କଲେଜ କଳାରେ ୨୯୬, ବିଜ୍ଞାନରେ ୯୬ ଜଣ ଓ ଜଗନ୍ନାଥଜୀଉ ଜୁନିଅର କଲେଜରେ କଳାରେ ୨୪୨, ବିଜ୍ଞାନରେ ୬୯ ଜଣ ପରୀକ୍ଷା ଦେବେ। ରେନେସା ଘରୋଇ ଜୁନିଅର କଲେଜ କଳାରେ ୨୫ ଓ ବିଜ୍ଞାନରେ ୧୬୦ ଜଣ, ଗୋକର୍ଣ୍ଣିକା କଲେଜରେ ବିଜ୍ଞାନରେ ୫୧ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଏସବୁ କଲେଜର ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ନିର୍ମିତ ଶ୍ରେଣୀଗୃହ ଉଦ୍‌ଘାଟିତ




ବଡ଼ଚଣା, ୧୪।୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ମହାବିନାୟକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଯୋଜନାରେ ୩୨ ଲକ୍ଷ ୪୨ ହଜାର ଟଙ୍କାର ବ୍ୟୟରେ ନିର୍ମାଣ କରାଯାଇଥିବା ଦୁଇ ମହଲା ବିଶିଷ୍ଟ ୪ ବଖରା ଶ୍ରେଣୀଗୃହର ଆଜି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଭଳି କାର୍ଯ୍ୟକ୍ରମ ବଡ଼ଚଣାରେ ପ୍ରଥମ ବୋଲି କୁହାଯାଉଛି। ମୋ ସ୍କୁଲ ଯୋଜନାରେ ରାଜ୍ୟ ସରକାରଙ୍କ ଅଂଶଧନ ଓ ପୁରାତନ ଛାତ୍ର ସଂସଦର (ଆଲୁମିନ) ଅଂଶଧନରେ ଏହି ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି। ମୋ ସ୍କୁଲ ଅଭିଯାନ ମେଣ୍ଟର ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବର୍ଷୀୟାନ ଶିକ୍ଷୟିତ୍ରୀ ବାସନ୍ତୀ ମିଶ୍ର ଯୋଗଦେଇ ନୂତନ ଗୃହକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶୁକଦେବ ପତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଡଃ ଅଜୟ କୁମାର ଲେଙ୍କା, ବିଷ୍ଣୁଚରଣ ଆଚାର୍ଯ୍ୟ, ଭୋଳାନାଥ ରାଉତ, ରବୀନ୍ଦ୍ର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ଡାକ୍ତର ପବନେଶ୍ୱର ଜେନା, ଆଇନଜୀବୀ ଦେବରାଜ ବେହେରା, ଅଜିତ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଏ ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟିତ୍ରୀ ବାସନ୍ତୀ ମିଶ୍ର, ପରମାନନ୍ଦ ସ୍ୱାଇଁ ଓ ଶୁକଦେବ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ପ୍ରାଧ୍ୟାପକ ବସନ୍ତ ନାୟକ ମାନପତ୍ର ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ସୋନାଲି ଶୁଭଦର୍ଶିନୀ ମହାପାତ୍ର ଓ ଶିକ୍ଷୟିତ୍ରୀ ରଶ୍ମିତା ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପୁରାତନ ଛାତ୍ର ବିଶିଷ୍ଟ ପାଲାଗାୟକ ରଜନୀକାନ୍ତ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୋ ସ୍କୁଲ ଅଭିଯାନ ସଭାପତି ଦିଲ୍ଲୀପ କୁମାର ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀଲତା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିନ୍ଦଲ କାରଖାନା ପରିଭ୍ରମଣ କଲେ ପ୍ରମୁଖ ଇସ୍ପାତ କମ୍ପାନୀ ଅଧିକାରୀ



ଦାନଗଦି, ୧୪।୨ (ସମିସ): ବିଶ୍ୱର ପ୍ରମୁଖ ଇସ୍ପାତ ନିର୍ମାଣକାରୀ କମ୍ପାନୀର ଅଧିକାରୀ ଦୁଇଦିନିଆ ଗସ୍ତରେ ଆସି କଳିଙ୍ଗନଗରରେ ଇଣ୍ଡିଆନ ଷ୍ଟିଲ ଆସୋସିଏସନ ସଭାରେ ଯୋଗ ଦେଇଥିଲେ। ଇସ୍ପାତ ଶିଳ୍ପର ଅଭିବୃଦ୍ଧି ଓ ସ୍ଥିରତାକୁ ଆଗକୁ ବଢ଼ାଇବା ପାଇଁ ଯୋଜନା ଓ ରଣନୀତି ଆଦାନପ୍ରଦାନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ଗସ୍ତ ସମୟରେ ଜିନ୍ଦଲ ଷ୍ଟେନଲେସର ଗେଷ୍ଟ ହାଉସରେ ସେମାନଙ୍କ ରାତ୍ରିଯାପନ ଅବସରରେ ପ୍ରତିନିଧୀମାନେ ଜିନ୍ଦଲ ଷ୍ଟେନଲେସର ଅତ୍ୟାଧୁନିକ କାରଖାନା ବୁଲି ଦେଖିଥିଲେ। ପରିବେଶ ସଂରକ୍ଷଣ ପ୍ରତି ସେମାନଙ୍କ ପ୍ରତିବଦ୍ଧତାର ପ୍ରମାଣ ଭାବେ କାରଖାନା ପରିସରରେ ବୃକ୍ଷରୋପଣ କାର୍ଯ୍ୟରେ ଭାଗ ନେଇଥିଲେ। ଯାହାକି ବିଶାଳକାୟ ପ୍ରସ୍ତରରେ ସ୍ମାରକୀ ଭାବେ ସେମାନଙ୍କର ନାମ ଲିପିବଦ୍ଧ କରାଯାଇ ବୃକ୍ଷ ନିକଟରେ ରଖାଯାଇଥିଲା। ସମ୍ମାନିତ ଅଧିକାରୀଙ୍କ ମଧ୍ୟରେ ଜେଏସଡବ୍ଲ୍ୟୁ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଟାଟା ଷ୍ଟିଲ୍ ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍‌ର ଚାଣକ୍ୟ ଚୌଧୁରୀ, ଏଏମ/ଏନଏସ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଲ୍ଲୀପ ଉମେନ, ଜେଏସଡବ୍ଲ୍ୟୁ ସିଇଓ ଜୟନ୍ତ ଆଚାର୍ଯ୍ୟ, ଜେଏସପିଏଲ ପ୍ରତିନିଧି ଭେଙ୍କଟେଶ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ ଭିଆର ଶର୍ମା, ଜେଏସ୍‌ଡବ୍ଲ୍ୟୁ ବିପିଏସେଲ ନିର୍ଦ୍ଦେଶକ ଅନୀଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆତିଥ୍ୟ କାର୍ଯ୍ୟକଳାପକୁ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ, ରେସିଡେଣ୍ଟ୍ ଡାଇରେକ୍ଟର ଭି. ଶିବରାମକୃଷ୍ଣ ଓ ବ୍ୟବସାୟ ମୁଖ୍ୟ ଏକେ ସିଂ ସଂଯୋଜନା କରିଥିଲେ।

## ନୟାଗଡ଼ ଅସ୍ତ୍ରାଗାର ଆକ୍ରମଣରେ ସହିଦ ପ୍ରମୋଦଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା

ଯାଜପୁର, ୧୪।୨(ସମିସ): ୨୦୦୮ ଫେବୃଆରୀ ୧୫ ତାରିଖରେ ମାଓବାଦୀ ନୟାଗଡ଼ ଜିଲ୍ଲା ଅସ୍ତ୍ରାଗାର ଲୁଟ୍ ସହିତ ବିଭିନ୍ନ ଥାନା ଓ ଫାଣ୍ଡିରେ ଆକ୍ରମଣ କରି ୧୪ ଜଣ ପୁଲିସ କର୍ମଚାରୀଙ୍କୁ ହତ୍ୟା କରିଥିଲେ। ସେହି ସହିଦଙ୍କ ମଧ୍ୟରେ ବିଂଝାରପୁର ବ୍ଲକ ମାଂସଡା ପଞ୍ଚାୟତ ଅଲାରପୁର ଗାଁର ପ୍ରମୋଦ ଶତପଥୀ ଥିଲେ। ୨୦୦୮ ସ୍ୱାଧୀନତା ଦିବସରେ ତାଙ୍କ ବୀରତ୍ୱ ପାଇଁ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଅମିତା ଶତପଥୀଙ୍କୁ ଓଡ଼ିଶାରେ ପ୍ରଥମ କରି ମରୋଣତ୍ତର ଅଶୋକ ଚକ୍ର ସମ୍ମାନରେ ସମ୍ମାନିତ କରିଥିଲେ। ଭଦ୍ରକ ଜିଲ୍ଲା ତିହିଡି ଅଞ୍ଚଳରେ ତାଙ୍କ ନାମରେ ଏକ ସଡକ ସହିଦ ପ୍ରମୋଦ ଶତପଥୀ ମାର୍ଗ ନାମରେ ନାମିତ ହେବା ସହିତ ଏକ ପ୍ରତିମୂର୍ତ୍ତି ମଧ୍ୟ ଅଛି। ପୁରୀ ରିଜର୍ଭ ପୁଲିସର ଅସ୍ତ୍ରାଗାର ତାଙ୍କ ନାମରେ ନାମିତ ହେବା ସହିତ ଭୁବନେଶ୍ୱର କମିସନରେଟ ପୁଲିସର ସଭାଗୃହ ମଧ୍ୟ ତାଙ୍କ ନାମରେ ନାମିତ କରାଯାଇଛି। ଦୁଃଖର ବିଷୟ ତାଙ୍କ ଜନ୍ମସ୍ଥାନ ବିଞ୍ଝାରପୁରରେ ତାଙ୍କର ଏକ ପ୍ରତିମୂର୍ତ୍ତି ନାହିଁ। ନିକଟ ଅତୀତରେ ବିଞ୍ଝାରପୁର ଅଞ୍ଚଳରେ ସହିଦ ପ୍ରମୋଦ ଶତପଥୀ ସ୍ମୃତି ପରିଷଦ ଗଠନ କରାଯାଇଛି। କଲ୍ୟାଣେଶ୍ୱର ଛକଠାରୁ ବରୀ କଳାମାଟିଆ ପର୍ଯ୍ୟନ୍ତ ପ୍ରସ୍ତାବିତ ରାସ୍ତାକୁ ସହିଦ ପ୍ରମୋଦ ଶତପଥି ମାର୍ଗ ନାମରେ ନାମିତ କରିବା ସହିତ ତାଙ୍କର ଏକ ପ୍ରତିମୂର୍ତ୍ତି ବିଞ୍ଝାରପୁର ଅଞ୍ଚଳରେ ପ୍ରତିଷ୍ଠା କରିବା ପାଇଁ ସହିଦ ପ୍ରମୋଦ ଶତପଥି ସ୍ମୃତି ପରିଷଦ ପକ୍ଷରୁ ଦାବି କରାଯାଇଛି। ଆସନ୍ତାକାଲି ସହିଦଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଥିବାବେଳେ ତାଙ୍କ ବୀରତ୍ୱ ଓ ତ୍ୟାଗକୁ ମନେ ପକାଉଛନ୍ତି ସମଗ୍ର ଅଞ୍ଚଳବାସୀ।

## ଜୟ ଜଗନ୍ନାଥ ମହୋତ୍ସବରେ କଳସ ଯାତ୍ରା ଓ ପାଇକ ଆଖଡ଼ା

ଚଢ଼େଇଧରା, ୧୪।୨(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତର ଭୁବନପୁର ଗ୍ରାମରେ ଆରମ୍ଭ ହୋଇଛି ଜୟ ଜଗନ୍ନାଥ ମହେତ୍ସବ। ଏ ଅବସରରେ କଳସ ଯାତ୍ରା ଓ ପାଇକ ଆଖଡା ଦେଖିବାକୁ ମିଳିଥିଲା। ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋସବ ବୁଧବାରଠାରୁ ଆରମ୍ଭ ହୋଇଛି। ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। କଳସ ଯାତ୍ରାରେ ବିଭିନ୍ନ ସ୍ଥାନର ସଂକୀର୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ କରିଥିଲେ।



ଏଥିସହ ଢେଙ୍କାନାଳର ଗୋପାଳ ଲଉଡି ଖେଳ, କୋରାପୁଟର କାଠିନାଚ, ଚିଲିକାର ପାଇକ ଆଖଡା ସହ ରାଜ୍ୟର ବିଭିନ୍ନ ସ୍ଥାନର ସୁନାମଧନ୍ୟ ବାଦ୍ୟଯନ୍ତ୍ର ସାମିଲ ହୋଇଥିଲେ। ପାଇକ ଆଖଡାର ନିଆଁଖେଳ, ମାଙ୍କଡ଼ା ପଥର ଭଙ୍ଗା, ବିଭିନ୍ନ ପ୍ରକାର ପାଇକ ଖେଳ ଆକର୍ଷଣୀୟ ହୋଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିକୁ ନେଇ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ। ଭାବ ଓ ଭକ୍ତିର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଜୟ ଜଗନ୍ନାଥ ମହୋତ୍ସବରେ ତିନିଦିନ ଧରି ଯଜ୍ଞ, ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭକ୍ତମାନେ ସର୍ବଦା ପ୍ରସାଦ ସେବନ କରିଥାନ୍ତି। ଏଠାରେ ପୂଜା ପାଉଥିବା ଶ୍ରୀଶ୍ରୀ ରାଧାକୃଷ୍ଣ ମହାପ୍ରଭୁ ପ୍ରତ୍ୟକ୍ଷ ଠାକୁର ବୋଲି ଭକ୍ତ ମହଲରେ ବିଶ୍ୱାସ ରହିଛି। ପଣ୍ଡିତ ଦାମୋଦର ରଥଶର୍ମା, ପବିତ୍ର ଦାଶ, ସୁଶାନ୍ତ ପାଢ଼ୀ, ଅଭିଲାଷ ମିଶ୍ର, ପ୍ରମୋଦ ପଣ୍ଡା ପ୍ରମୁଖ ପଣ୍ଡିତ ଯଜ୍ଞ ପରିଚାଳନା କରିବା ସହ ବେଦପାଠ କରିଥିଲେ।

## ରିଷିପୁରରେ ପାଲା ମହୋତ୍ସବ

ଯାଜପୁର, ୧୪।୨(ସମିସ): ଯାଜପୁର ଜିଲ୍ଲା ଛତିଶଦେବିଲ ଗ୍ରାମପଞ୍ଚାୟତ ରିଷିପୁର ଗ୍ରାମରେ ବୁଧବାରଠାରୁ ୩ ଦିନିଆ ପାଲା ମହୋତ୍ସବ ଆରମ୍ଭ ହୋଇଛି। ରିଷିପୁରର ଗୋପବନ୍ଧୁ ଯୁବ ସଂସଦ ଆନୁକୂଲ୍ୟରେ ପ୍ରତ୍ୟେକ ବର୍ଷ ସରସ୍ୱତୀ ପୂଜାରେ ଏହି ଉତ୍ସବ ଗତ ୩ ଦଶନ୍ଧି ଧରି ଆୟୋଜିତ ହୋଇଆସୁଛି। ଓଡ଼ିଶାର ସୁନାମଧନ୍ୟ ପାଲାଗାୟକମାନେ ଏଠାରେ ପାଲା ପରିବେଷଣ କରି ପାଲା ସଂସ୍କୃତିର ପ୍ରଚାର ଓ ପ୍ରସାରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟର ଏହି ପାରମ୍ପରିକ




ଲୋକକଳାକୁ ବଞ୍ଚାଇରଖିବା ସକାଶେ ପାଲା କମିଟି ଉଦ୍ୟମ କରିଆସୁଛି। ଏହି ଉତ୍ସବ ଶୁକ୍ରବାର, ଫେବୃଆରୀ ୧୬ ତାରିଖରେ ଉଦ୍‌ଯାପିତ ହେବ ବୋଲି ରିଷିପୁର ପାଲା କମିଟି ପକ୍ଷରୁ ସୂଚନା ମିଳିଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ବରୀ, ୧୪।୨(ସମିସ): ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ପ୍ରବୋଧ କୁମାର ଦେଙ୍କ ୯୦ ବର୍ଷ ବୟସରେ ତାଙ୍କ ବରୀ ବ୍ଲକ ଅର୍ନ୍ତଗତ ନାଥପୁର ଗ୍ରାମସ୍ଥ ବାସଭବନରେ ବୁଧବାର ଦିନ ଭୋର ୪ଟା ସମୟରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଦେ ବାଲେଶ୍ୱର ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ଶିକ୍ଷକ କର୍ମମୟ ଜୀବନ ଜଗତସିଂହପୁର ଜିଲ୍ଲାର ଝଙ୍କଡରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଯାଜପୁର ଜିଲ୍ଲାର ସାହୁପଡ଼ା-ଧାରପୁର ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟରେ ଦୀର୍ଘ ୩୭ବର୍ଷ ଧରି ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିଲେ। ସ୍ୱର୍ଗତ ଦେ ଜଣେ ଆର୍ଦ୍ଦଶ ଶିକ୍ଷକ ଭାବେ ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ। ସରସ୍ୱତୀ ପୂଜା ସକାଳୁ ଏଭଳି ଦୁଃଖଦ ଖବର ପ୍ରଚାରିତ ହେବା କ୍ଷଣି ସ୍ୱର୍ଗତ ଦେଙ୍କ ନାଥପୁରସ୍ଥ ବାସଭବନରେ ଶୁଭେଚ୍ଛୁ, ଛାତ୍ରଛାତ୍ରୀ, ସହକର୍ମୀ, ଶିକ୍ଷକ/ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ରାଜନୈତିକ ନେତୃବୃନ୍ଦ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ୨୧ନଂ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଯୁବ ନେତା ସଞ୍ଜୀବ ଜେନା, ଧାରପୁର ସରପଞ୍ଚ କୁନା ମଳିକ, ସମିତିସଭ୍ୟ ଶ୍ରୀଧର ସେଠୀ, ସାହୁପଡ଼ା ସରପଞ୍ଚ ସଞ୍ଜୟ କୁମାର ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜମୋହନ ସାମଲ, ବଟକୃଷ୍ଣ ସେଠୀ, କାର୍ତ୍ତିକ ଚନ୍ଦ୍ର ସାହୁ, ଶିଶୁ ସାହିତ୍ୟିକ ଅଜୟ କୁମାର ଜେନା, ସାମ୍ବାଦିକ ଚୈତନ୍ୟ ଚରଣ ଜେନା, ଆଇନଜୀବୀ ଭବାନୀ ପ୍ରସାଦ ପଣ୍ଡା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ, ରାଜ୍ୟ ବିଜେପି ମୁଖପାତ୍ର ମନୋଜ ମହାପାତ୍ର, ସମାଜସେବୀ ଅଶୋକ ବେହେରା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

### ନୀଳାଦେଇପୁର-ଚାନ୍ଦପୁର ରାସ୍ତା ମରାମତି କାମ ନିମ୍ନମାନର

# ନିର୍ମାଣର ଦିନକ ପରେ ଉଠିଗଲା ପିଚୁ

ଧର୍ମଶାଳା, ୧୪।୨(ସମିସ):



ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ହେଉଥିବା ବିଭିନ୍ନ ପ୍ରକଳ୍ପ ନିର୍ମାଣ ଓ ମରାମତିରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳୁଛି। ଗ୍ରାମ୍ୟ ନିର୍ମାଣ ବିଭାଜନ-୨ ଜାରକା କାର୍ଯ୍ୟାଳୟ ଅଧୀନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ନୀଳାଦେଇପୁର ଛକଠାରୁ ଚାନ୍ଦପୁର ପର୍ଯ୍ୟନ୍ତ ୨.୫୦୦ କିମି ରାସ୍ତା ୨୦୧୭ ଅକ୍ଟୋବର ମାସରେ ନିର୍ମାଣ କରାଯାଇଥିଲା। ଏହାକୁ ରକ୍ଷଣାବେକ୍ଷଣ ପାଇଁ ନିର୍ମାଣ ଦିନଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ୮ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। କିନ୍ତୁ ନିର୍ମାଣ ଦିନଠାରୁ ଏହି ରାସ୍ତାରେ କୌଣସି ମରାମତି କାର୍ଯ୍ୟ ହୋଇ ନ ଥିବାବେଳେ ୭ ବର୍ଷ ପରେ ସମ୍ପୃକ୍ତ ଠିକାଦାର ମରାମତି ଆଳରେ ରାସ୍ତା ଉପରେ ନିମ୍ନମାନର ପିଚୁ କାମ କରିଥିଲେ। ପୂର୍ବରୁ ନିର୍ମାଣ କରାଯାଇଥିବା ରାସ୍ତାରୁ ବାଲି ସଫା କରା ନ ଯାଇ ତାହା ଉପରେ ପିଚୁ କରାଯାଇଛି। ଗତ ସୋମବାର ଦିନ ରାସ୍ତା ମରାମତି କରାଯାଇଥିଲେ ମଧ୍ୟ ପିଚୁ ପରସ୍ତ ପରସ୍ତ ହୋଇ ଉଠିଯାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀଙ୍କ ସହିତ କୌଣସି ଯୋଗାଯୋଗ ହୋଇପାରି ନ ଥିବାବେଳେ ଜିଲ୍ଲାପାଳ ଏହି ଘଟଣା ଉପରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ● ଥାନାରୁ ମିଳିଲାନି ନ୍ୟାୟ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଦମ୍ପତି

ପାଣିକୋଇଲି, ୧୪।୨ (ସମିସ): ଯାଜପୁର ଜିଲ୍ଲା ପୁଲିସରେ କାର୍ଯ୍ୟରତ କେତେକ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁଁ ଥାନାରୁ ସାଧାରଣ ଜନତା ନ୍ୟାୟ ନ ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରୁଛନ୍ତି। ଏତଦବ୍ୟତୀତ ମୁଣ୍ଡକୁ କୁରାଢୀରେ ହାଣିଦେବା ଭଳି ସଙ୍ଗୀନ ଘଟଣାରେ ପୁଲିସ ସାଧାରଣ ଦଫା ଲଗାଇ ମାମଲା କରିବା ସହିତ ଅଭିଯୁକ୍ତ ଖୁଲମଖୁଲା ବୁଲୁଛନ୍ତି। ଏଭଳି ଏକ ସଙ୍ଗୀନ ଘଟଣା ଘଟିଛି କୋରେଇ ଥାନା ଅନ୍ଧାରୀ ଗ୍ରାମର ଅନ୍ତର୍ଗତ କୁଶଧ୍ୱଜ ବେହେରାଙ୍କ କ୍ଷେତ୍ରରେ। ନିଜର ଜାଆଁଳା ବଡ଼ଭାଇ ନବଘନ ବେହେରା ଓ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମିଶି ତାଙ୍କ ମୁଣ୍ଡ ଓ ଆଖିପତାକୁ ହାଣିଥିଲେ। ଏ ନେଇ କୁଶଧ୍ୱଜଙ୍କ ପତ୍ନୀ ଚାରୁଲତା ଗତ ୧୧ ତାରିଖରେ କୋରେଇ ଥାନାରେ ଅଭିଯୋଗ କରିବା ପୁରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ସେମାନେ ତାଙ୍କୁ ଜୀବନରୁ ମାରି ଦେବାର ଧମକ ଦେଉଛନ୍ତି ବୋଲି ଚାରୁଲତା କହିଛନ୍ତି।

ବରୀ ବ୍ଲକରେ ହେଉନି ଦୋକାନ ଗୃହ ଆବଣ୍ଟନ

# ବନ୍ଦ ହୋଇପଡ଼ିଛି ଘର, ସରକାରଙ୍କ ରାଜସ୍ୱହାନି

ବରୀ, ୧୪।୨(ସମିସ): ସରକାରଙ୍କ ପକ୍ଷରୁ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରାଯାଉଛି। ତେବେ ତାହାର ସଫଳ ରୂପାୟନ କରିବା କ୍ଷେତ୍ରରେ ପ୍ରଶାସନିକ ସ୍ତରରେ ଉଦାସୀନତା ଦେଖିବାକୁ ମିଳୁଛି। ଏହାର ଉଦାହରଣ ମାର୍କେଟ କମ୍ପ୍ଲେକ୍ସ ଗୃହ। ଏହି ଦୋକାନ ଗୃହ ବନ୍ଦ ହୋଇପଡ଼ିଛି। ଏହା ଆବଣ୍ଟନ ହେଉ ନ ଥିବାରୁ ସରକାରଙ୍କ ରାଜସ୍ୱ ହାନି ହେଉଥିବା ଅଭିଯୋଗ ହେଉଛି।

ଗ୍ରାମାଞ୍ଚଳର ଶିକ୍ଷିତ ବେକାର ଯୁବକ/ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ସରକାର ଏହି ଯୋଜନା ପ୍ରଣୟନ କରିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବରୀ ବ୍ଲକରେ ୨୯ଟି ପଞ୍ଚାୟତ ରହିଥିବାବେଳେ ଶତାଧିକ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଥିଲେ ହେଁ ଏହା ବନ୍ଦ ରହିଥିବାରୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟିବା ସହିତ ପ୍ରକୃତ ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ବିଶେଷକରି କେଉଁ ପଞ୍ଚାୟତରେ କେତୋଟି ବ୍ୟବସାୟ ଗୃହ ରହିଛି, ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ ଏହି ଗୃହକୁ କେଉଁମାନଙ୍କୁ ଆବଣ୍ଟନ କରାଯାଇଛି। ସେହି ଗୃହଗୁଡ଼ିକର ଭଡ଼ା ବାବଦରେ ଅର୍ଥ ଆଦାୟ କରାଯାଇ କେଉଁ ଜମା ଖାତାରେ ରଖାଯାଇ ତାହାର ବିନିଯୋଗ କରାଯାଉଛି, ତାହାର ତଦନ୍ତ କରାଯିବାକୁ ସାଧାରଣରେ ଅଭିଯୋଗ ହେଉଛି।

ସରକାରୀ ନିୟମ ଅନୁସାରେ ଉକ୍ତ ଗୃହ ନିର୍ମାଣ ସରିବା ପରେ ଆବେଦନକାରୀଙ୍କୁ ତାଲିକାଭୁକ୍ତ କରି ପଲ୍ଲୀସଭା ମାଧ୍ୟମରେ ଚୟନ କରାଯିବା ପରେ ଧାର୍ଯ୍ୟ ଅମାନତ ରାଶି ଗ୍ରହଣ କରି ସେମାନଙ୍କୁ ଉକ୍ତ ଗୃହ ଯୋଗାଇ ଦିଆଯିବା କଥା। ବାସ୍ତବପକ୍ଷେ ବହୁ ପଞ୍ଚାୟତରେ ଏହି ଗୃହ ବନ୍ଦ ରହିବା ଓ କିଛି ସ୍ଥାନରେ ଏହି ଗୃହକୁ ଭଡ଼ା ସୂତ୍ରରେ ନେଇଥିବା ବ୍ୟକ୍ତି ଚୁକ୍ତିବଦ୍ଧ ହୋଇ ବି ଭଡ଼ା ବାବଦ ଅର୍ଥ ପୈଠ କରୁନାହାନ୍ତି। ଏପରିକି କେତେକ ପଞ୍ଚାୟତରେ ଏହି ଗୃହ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ସେହି ସ୍ଥାନରେ ଅସାମାଜିକ ବ୍ୟକ୍ତି ଆଖଡ଼ା କରୁଥିବା ଦେଖିବାକୁ ମିଳୁଛି। ଏ କ୍ଷେତ୍ରରେ ବ୍ଲକ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।



## 'ନୂଆ-ଓ' ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ମୁକୁନ୍ଦପାତ୍ର କଲେଜ ଛାତ୍ରଛାତ୍ରୀଙ୍କ କୃତିତ୍ୱ

କବାଟବନ୍ଧ, ୧୪।୨ (ସମିସ): 'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରତିଯୋଗିତାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ଉକ୍ତ କଲେଜର ଦୁଇଟି ବିଭାଗ ସମବେତ କଣ୍ଠ ସଙ୍ଗୀତ ଓ ଗ୍ରୁପ ଡାନ୍ସରେ ୯ ଜଣ ଛାତ୍ରଛାତ୍ରୀଙ୍କୁ ଏହି ସଫଳତା ମିଳିଛି। ସଙ୍ଗୀତରେ ସ୍ନେହଶ୍ରୀ ଶ୍ୱେତପ୍ରଜ୍ଞା ଦାସ, ଆୟସା ପଟ୍ଟନାୟକ, ପ୍ରଭାସିନୀ ଦାସ, ସ୍ୱତିକା ରାଉତ, ଅଂଶୁମାନ ସାହୁ ଓ ଗ୍ରୁପ ଡାନ୍ସରେ ଆୟସା ପଟ୍ଟନାୟକ, ସ୍ୱର୍ଣ୍ଣଲତା ପାତ୍ର, ମିତାଲି ସାହୁ ଓ ପୂଜାରାଣୀ ତରାଇ ପ୍ରମୁଖ ଅଂଶଗ୍ରହଣ କରି କଲେଜ ପାଇଁ ସଫଳତା ଆଣିଛନ୍ତି। ଅଧକ୍ଷ ହେମନ୍ତ କୁମାର ଦାସ ପ୍ରତିଯୋଗୀ ଓ ନୋଡାଲ ଅଫିସର ଅଧ୍ୟାପକ ଅରୁଣ କୁମାର ନାୟକ, ବିଭୁତି ଭୂଷଣ ମିଶ୍ର ଏବଂ ଅଭିମନ୍ୟୁ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




## ନିଆଁ ଲଗାଇଥିବା ଅଭିଯୁକ୍ତ ଗିରଫ

ପାଣିକୋଇଲି, ୧୪।୨(ସମିସ): ପାଣିକୋଇଲି ପୁଲିସ ଆଜି ଜଣେ ବ୍ୟକ୍ତିଙ୍କୁ ଦୋକାନ ପଛପଟେ ଥିବା ସଟ୍ରିଂଗ ବାଉଁଶରେ ନିଆଁ ଲଗାଇବା ଅଭିଯୋଗରେ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ସରସଦା ଗ୍ରାମର ସ୍ୱର୍ଗତ ବାବାଜୀ ସାହୁଙ୍କ ପୁଅ ରଞ୍ଜନ ଓରଫ ଚିତ୍ତରଞ୍ଜନ ସାହୁ(୩୫)। ସରସଦା ଗ୍ରାମର ଗଙ୍ଗାଧର ସାହୁ ନାମକ ଜଣେ ବ୍ୟକ୍ତି ରାଜମିସ୍ତ୍ରି ଭାବେ ଜୀବିକା ନିର୍ବାହ କରନ୍ତି। ସେ ବୈତରଣୀ ବନ୍ଧ କଡ଼ରେ ଥିବା ନିଜ ଦୋକାନ ପଛପଟେ ଉକ୍ତ ବାଉଁଶ ଓ ପଟା ରଖିଥା'ନ୍ତି। ଗତ ୩୧ ତାରିଖ ବିଳମ୍ବିତ ରାତିରେ ଗ୍ରାମର ରଞ୍ଜନ ସାହୁ ନାମକ ଜଣେ ଯୁବକ ଉକ୍ତ ବାଉଁଶ ଓ ପଟାରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

● ଆକାଶଛୁଆଁ ରସୁଣ ଦର

## କେଜି ଛୁଇଁଲା ୪ଶହ, ଖାଉଟି ହନ୍ତସନ୍ତ

କୋରେଇ, ୧୪।୨(ସମିସ): ପାଇକାରୀ ବଜାର ହେଉ କି ଖୁଚୁରା ରସୁଣ ଦର ଗତ କିଛିଦିନ ହେଲା ଅଚାନକ ବୃଦ୍ଧି ଘଟିଛି। ଆକାଶ ଛୁଆଁ ହେଇଛି ରସୁଣ ଦର। ରୋଷେଇ ଘରେ ରସୁଣ ଚିନ୍ତା। ଏବେ ବଜାରରେ ଯେଉଁ ଦର ବଢ଼ିଛି ତାହା ଲୋକଙ୍କ ଚିନ୍ତାକୁ ଦ୍ୱିଗୁଣ କରୁଛି। କେଜି ପ୍ରତି ୩ ଶହରୁ ୪ଶହ ଟଙ୍କାରେ ବିକ୍ରି ହେଉଛି ରସୁଣ। ଏହି ଚଢ଼ା ଦରକୁ ନେଇ ଚିନ୍ତାରେ ଖାଉଟି। ଏ ଅଞ୍ଚଳରେ ଯେଉଁ ପରିମାଣରେ ରସୁଣ ଚାଷ ହେଉଥିଲା, ଏବେ ତାହା ହେଉନାହିଁ। କିଆପଦା, ମଲାରିଆ, କଡମା, ରାଉତପଡ଼ା, ପତ୍ରକଣା, ସୋଲବନ୍ଧୀ, ରଣପୁର, ରଘୁପୁର ଆଦି ବହୁ ଗ୍ରାମରେ ଏହି ଚାଷ ହେଉଥିଲା। ଚାଷୀ ନିଜ ପାଇଁ ରଖି ବଳକା ରସୁଣକୁ ବିକ୍ରି କରୁଥିଲା। ବର୍ତ୍ତମାନ ସମୟରେ କେଉଁଠି କାଁ ଭାଁ ଚାଷ ହେଉଛି। ଯଦିବା ହେଉଛି ଚାଷୀ ନିଜ ଘରେ ରଖି ନିଜେ ବ୍ୟବହାର କରୁଛନ୍ତି। ଦରବୃଦ୍ଧି ଯୋଗୁଁ ଗ୍ରାହକ ରସୁଣ ପ୍ରତି ମୁହଁ ବୁଲାଇ ଦେଇଥିବାବେଳେ ସାଧାରଣ ଦୋକାନୀ ମଧ୍ୟ ରସୁଣ ବିକ୍ରି କରିବା ବନ୍ଦ କରିଦେଇଛନ୍ତି। ଏହି ଦରବୃଦ୍ଧି ପ୍ରତି ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବି.ଇଡି ଛାତ୍ରଛାତ୍ରୀଙ୍କ ସଚେତନତା ଶୋଭାଯାତ୍ରା




ପ୍ରୀତିପୁର, ୧୪।୨ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡାସ୍ଥ ବିଜୁ ପଟ୍ଟନାୟକ ଟ୍ରେନିଂ କଲେଜର ବି.ଇଡି ଛାତଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କଲେଜ ପରିସରରୁ ଏହି ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ବିଞ୍ଝାରପୁର ପଞ୍ଚାୟତ ସମିତି ପର୍ଯ୍ୟନ୍ତ ଯାଇଥିଲା। ଲୋକଙ୍କୁ ଭିନ୍ନକ୍ଷମଙ୍କ ପ୍ରତି ସହଯୋଗ ଓ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ଟ୍ରେନିଂ କଲେଜର ସମସ୍ତ କର୍ମକର୍ତ୍ତା, ପ୍ରମିଳା ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟର ସ୍ୱତନ୍ତ୍ର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଧ୍ରୁବଚରଣ ହାଇସ୍କୁଲର ବାର୍ଷିକ ଉତ୍ସବ

ସିଂହପୁର, ୧୪।୨(ସମିସ): ବିଂଝାରପୁର ବ୍ଲକ ଅନ୍ତର୍ଗତ ନାଉବାଙ୍କ ଧ୍ରୁବଚରଣ ସାହୁ ହାଇସ୍କୁଲର ବାର୍ଷିକ ଉତ୍ସବ ଓ '୫-ଟି' ଗୃହର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଯଯାତି ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ମୁଖ୍ୟବକ୍ତା ପ୍ରାକ୍ତନ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ସମ୍ମାନିତ ଅତିଥି ପ୍ରାକ୍ତନ ସଭାପତି କହ୍ନେଇ ଚରଣ ବାରିକ, ଜରୀ ସରପଞ୍ଚ ନନ୍ଦକିଶୋର ମଲିକ, ସମିତି ସଭ୍ୟା ଅନସୂୟା ମଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ପାତ୍ର, ପ୍ରାକ୍ତନ ସମିତି ସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମଲୋଚନ ସାହୁ, ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପ୍ରତିନିଧି ଭରତ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସରପଞ୍ଚ ଶ୍ରୀ ମଲିକ ନୂତନ ଗୃହକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାର ମୁଖ୍ୟ ବିନ୍ଧାଣି କହ୍ନେଇ ଚରଣ ବାରିକ, ପୁରୁଷୋତ୍ତମ ବେହେରା, ପ୍ରତାପ ପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସତ୍ୟଭୂଷଣ ବାରିକ, ମୁରଲୀଧର ସାହୁ, ରମେଶ ଚନ୍ଦ୍ର ଧଳ, ପ୍ରଫୁଲ ସାମଲ, ଶଶଧର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖାରଜ ବଟିରା ଗ୍ରାମରେ ଭାଗବତ ଟୁଙ୍ଗି ଉଦ୍‌ଘାଟନ



କୋରେଇ, ୧୪।୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ସାଦକପୁର ପଞ୍ଚାୟତର ଖାରଜ ବଟିରା ଗ୍ରାମରେ ଭାଗବତ ଟୁଙ୍ଗି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଯାଜପୁର ଜିଲ୍ଲା ଯୁବ ସଭାପତି ପ୍ରତାପ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ତାରକେଶ୍ୱର ମହାନ୍ତି, କୋରେଇ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ବେହେରା ଓ ସମିତି ସଭ୍ୟ ମାନସ କୁମାର ମହାନ୍ତି, ଧନେଶ୍ୱର ସରପଞ୍ଚ ଶ୍ୟାମସୁନ୍ଦର ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟା ଗ୍ରୁପ୍‌ର ବାର୍ଷିକ ଉତ୍ସବ

ପାଣିକୋଇଲି, ୧୪।୨(ସମିସ): ପାଣିକୋଇଲିସ୍ଥ ବିଦ୍ୟା ଗ୍ରୁପ୍ ପକ୍ଷରୁ ବିଦ୍ୟାଳୟ ପରିସରରେ ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟା ଗ୍ରୁପର ନିର୍ଦ୍ଦେଶକ ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଗ୍ରୁପର ଚେୟାରମ୍ୟାନ ରଣଜିତ ନାୟକ, ଭାରତ ବିଜୟ ଦଳାଇ, ସୂର୍ଯ୍ୟମଣି ପଣ୍ଡା, ବଟକୃଷ୍ଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବୀଣାପାଣି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ସିଂହପୁର, ୧୪।୨(ସମିସ): ସିଂହପୁର ନିକଟବର୍ତ୍ତୀ ଚରପଡ଼ା ବୀଣାପାଣି ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାବିତ ସଞ୍ଜୟ କୁମାର ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଇଂ ନିଳାଦ୍ରୀ ଭୁଷଣ ମହାପାତ୍ର, ମୁଖ୍ୟବକ୍ତା ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଉଦଘାଟକ ସମାଜସେବୀ ପଦ୍ମାକର ଗୁରୁ, ସମ୍ମାନିତ ଅତିଥି ବାଙ୍ଗରା ସରପଞ୍ଚ ଜ୍ଞାନରଞ୍ଜନ ଜେନା ଯୋଗ ଦେଇଥିଲେ। ମିତ୍ରଭାନୁ ସାମନ୍ତସିଂହର ଅତିଥି ପରିଚୟ ପ୍ରଦାନ ଓ ପରିଚାଳନା କମିଟି ସଭ୍ୟ ଦୁଷ୍ମନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦଯାପନୀ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ପର୍ଶୁରାମ ରାଉତରାୟ, ଉଦଘାଟକ ପ୍ରାକ୍ତନ କୃଷି ବିଶେଷଜ୍ଞ ଧରଣୀଧର ପାତ୍ର, ମୁଖ୍ୟବକ୍ତା କବି ଗୋବିନ୍ଦ ଚନ୍ଦ୍ର ନନ୍ଦ, ସମ୍ମାନିତ ଅତିଥି ସିଆରସିସି କୃଷ୍ଣଚନ୍ଦ୍ର ମଲିକ, ଦିଲ୍ଲୀପ କୁମାର ମହାନ୍ତି, ପ୍ରମୁଖ ଯୋଗ ଦେଇଥିଲେ। ମିତ୍ରଭାନୁ ସାମନ୍ତସିଂହାର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଲୋତକବିନ୍ଦୁ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୁରୁଜି ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ପୂର୍ବତନ ସିଆରସିସି କୁଳମଣି ସାହୁ, ଚଳିତବର୍ଷ ନିଟ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ପ୍ରାକ୍ତନ ଛାତ୍ର ଶୁଭମ ଦାସ, ପ୍ରାକ୍ତନ ଗୁରୁମା ପ୍ରିୟଦର୍ଶନୀ ବାରିକ, ଶ୍ରେଷ୍ଠ ଗୁରୁମା ଜୟଶ୍ରୀ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାମନ୍ଦିରର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଦାସ, ସସ୍ମିତା ସାହୁ, ଜୟଶ୍ରୀ ଦାଶ, ପୂର୍ଣ୍ଣସ୍ମିତା ବାରିକ, ବୈଶାଖୀ ଦାଶ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମଶାଳା ସାହିତ୍ୟ ସମାଜର ସାଧାରଣ ପରିଷଦ ବୈଠକ

ଧର୍ମଶାଳା, ୧୪।୨(ସମିସ): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଏକ ସାଧାରଣ ପରିଷଦ ବୈଠକ ତ୍ରିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କାହ୍ନୁଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଡକ୍ଟର ଚିତ୍ତରଞ୍ଜନ ମହାନ୍ତି, କବି ବିଜୟ କୁମାର ଦେବତା, ଉପସଭାପତି ବେଣୁଧର ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୁମରବର ନାୟକ ଓ ଡକ୍ଟର ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସଂଗଠନର କାର୍ଯ୍ୟଧାରା ଓ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଆଦିକନ୍ଦ ସ୍ୱାଇଁ, ପ୍ରାଧ୍ୟାପକ ରାଧେଶ୍ୟାମ ସାହୁ, କୃଷକ ନେତା ବସନ୍ତ କୁମାର ପରିଡ଼ା, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ଅର୍ଜୁନ ଚରଣ ରାଉତ, କବି ଦୀନବନ୍ଧୁ କର, ଗୋବିନ୍ଦ ଚନ୍ଦ୍ର ସାହୁ, ସବିତା ମିଶ୍ର, ସରୋଜ କୁମାର ନାୟକ, ଗୋଲକ ଚନ୍ଦ୍ର ପଲେଇ ଓ ଶୁଭକାନ୍ତ ନାୟକ ପ୍ରମୁଖ ସାହିତ୍ୟ ସମାଜ ନୂତନ ପିଢ଼ିର ସାହିତ୍ୟିକଙ୍କୁ ଆଗକୁ ଆଣି ଗୁରୁତ୍ୱ ଦେବା ସହିତ ବିଭିନ୍ନ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବା ଆବଶ୍ୟକ ବୋଲି କହିଥିଲେ।




ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ତ୍ରିପାଠୀ, ପ୍ରାଣକୃଷ୍ଣ ରାଉତ, ରତ୍ନାକର ନାୟକ, ଶ୍ୟାମପ୍ରସାଦ ଦାଶ, ସତ୍ୟାନନ୍ଦ ପ୍ରଧାନ, ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କବି ସରୋଜିନୀ ପଣ୍ଡା, ପ୍ରମିଳା ଭଞ୍ଜ ଓ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସାହିତ୍ୟିକ ଓ ସମ୍ପାଦକ ସାତକଡି ହୋତାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। କବି ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମେଧା ତାଲିକା ପ୍ରକାଶରେ ବିଳମ୍ବକୁ ନେଇ ଅସନ୍ତୋଷ

ପ୍ରୀତିପୁର, ୧୪।୨ (ସମିସ): ଓଡ଼ିଶାର ୩୧୪ଟି ବ୍ଲକର ଗ୍ରାମାଞ୍ଚଳରେ ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ସୈନିକ ସ୍କୁଲ, ଜବାହାର ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ଇଂରାଜୀ ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ବିଦ୍ୟାଳୟରେ ପଢ଼ିବାର ସୁଯୋଗ ଦିଆଯାଉଛି। ଚଳିତ ବର୍ଷ ଜାନୁଆରୀ ୯ ତାରିଖରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ନିମନ୍ତେ ଏକକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଯାହାର ଫଳ ଚଳିତ ମାସ ୬ ତାରିଖରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୱେବସାଇଟ୍‌ରେ ପ୍ରକାଶିତ ହୋଇଛି। ଅଧିକାଂଶ ବିଦ୍ୟାଳୟରେ ଡ୍ରାଫ୍ଟ ମେରିଟ ଲିଷ୍ଟ ପ୍ରକାଶ ପାଇସାରିଛି। ମାତ୍ର ଉତ୍ତରକୂଳରେ ଥିବା ଆଦର୍ଶ ବିଦ୍ୟାଳୟର ଡ୍ରାଫ୍ଟ ମେରିଟ ଲିଷ୍ଟ ପ୍ରକାଶ କରାଯାଇନାହିଁ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମେରିଟ ଲିଷ୍ଟ ପ୍ରକାଶ କରୁନାହାଁନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଓଡିଆ ଆଦର୍ଶ ବିଦ୍ୟାଳୟ ଉତ୍ତରକୂଳର ଅଧ୍ୟକ୍ଷ ଯତୀନ କରଙ୍କୁ ପଚାରିବାରୁ ସେ ଅନ୍ୟତ୍ର ପ୍ରକାଶ ପାଇଥିବା ମେରିଟଲିଷ୍ଟ ସମ୍ପର୍କରେ ପ୍ରଶ୍ନକୁ ଏଡାଇ ଦେଇ ଆସନ୍ତା ୨୫ ତାରିଖ ପରେ ଏହି ବିଦ୍ୟାଳୟର ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ ବୋଲି କହିଛନ୍ତି।

## ମା'ଦୁର୍ଗା ଓ ଗଣେଶ ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ




ମଙ୍ଗଳପୁର, ୧୪।୨(ସମିସ): ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥ ସାଧୁଗୌଡ଼େଶ୍ୱର ହାଟ ପଡ଼ିଆରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ମା' ଦୁର୍ଗା ଗୋଷ୍ଠୀ କେନ୍ଦ୍ର ଘର ପାଇଁ ଆଜି ଶିଳାନ୍ୟା କରାଯାଇଛଇ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ସେହିପରି କନିକାପଡ଼ା ଗ୍ରାମରେ ଆମ ଓଡ଼ିଶା ନବିନ ଓଡ଼ିଶା ଯୋଜନାରେ ୩ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଗଣେଶ ଗୋଷ୍ଠୀ କେନ୍ଦ୍ର ଗୃହ ପାଇଁ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରି ଦାସ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳ ସଭାପତି ସରୋଜ କୁମାର ମହାପାତ୍ର, କନିକାପଡ଼ା ସରପଞ୍ଚ ପ୍ରଦୀପ କୁମାର ଯେନା, କନିକାପଡ଼ା ପଞ୍ଚାୟତର ଯୁବନେତା ଇଂ ତିମିରକାନ୍ତ ସେନାପତି, କନିକାପଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରାକେଶ କୁମାର ସାହୁ, ୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ୱାର୍ଡ ସଭ୍ୟ ନରେଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

ସର୍ବଭାରତୀୟ ସ୍ତରରେ ପ୍ରୟାସ କ୍ଲାସେସ୍‌ର ରେକର୍ଡ

# ନିଟ୍ ପରେ ଜେଇଇ ମେନ୍‌ରେ ଛାତ୍ରଛାତ୍ରୀଙ୍କ ସଫଳତା

■ ୬ ଜଣ ୯୯ ଶତାଂଶ, ୭୨ ଜଣ ୯୫ ଶତାଂଶ, ୧୧୬ ଜଣ ୯୦ ଶତାଂଶ ଉପରେ ରଖିଛନ୍ତି ମାର୍କ

ବ୍ୟାସନଗର, ୧୪।୨(ସମିସ): ପ୍ରକାଶ ପାଇଛି ଜେଇଇ ମେନ ପ୍ରଥମ ପର୍ଯ୍ୟାୟର ପରୀକ୍ଷା ଫଳ। ଏଥିରେ ବାଜିମାତ୍ କରି ଯାଜପୁର ଜିଲ୍ଲା ତଣ୍ଡରାସ୍ଥ ପ୍ରୟାସ ଶିକ୍ଷାନୁଷ୍ଠାନ ନିଟ୍ ଭଳି ଏଥିରେ ମଧ୍ୟ ନିଜର ଉପସ୍ଥିତ ଜାହିର କରିଛି। କୋଚିଂ ଶିକ୍ଷାକ୍ଷେତ୍ରରେ ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ନିଜକୁ ଗରିଗଣିତ କରାଉଥିବା ଏହି ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ପୁଣି ଶିଖର ଛୁଇଁଛନ୍ତି। ଉନ୍ନତ ଶିକ୍ଷାଦାନ ଓ ଶୃଙ୍ଖଳାକୁ ମୂଳମନ୍ତ୍ର କରିଥିବା ଏହି ଶିକ୍ଷାନୁଷ୍ଠାନ ମେଡିକାଲ କୋଚିଂ ପରେ ଏବେ ଜେଇଇ ମେନ୍ ନିମନ୍ତେ କୋଚିଂ ପ୍ରଦାନରେ ସର୍ବକାଳୀନ ରେକର୍ଡ ହାସଲ କରିଛି। ଦିନକୁ ଦିନ ନିଜ ଶିକ୍ଷାଦାନର ମାନ ବୃଦ୍ଧି କରି ଦେଶରେ ଏକ ପ୍ରମୁଖ କୋଚିଂ ଅନୁଷ୍ଠାନର ମାନ୍ୟତା ହାସଲ କରିଛି। ଏପରିକି ଦେଶରେ ପୂର୍ବରୁ ରହିଥିବା ଅନ୍ୟ କେତୋଟି କୋଚିଂ ଶିକ୍ଷାନୁଷ୍ଠାନକୁ ବହୁ ପଛରେ ପକାଇ ସଫଳତା ହାସଲ କରିଚାଲିଛି। ପୂର୍ବ ବର୍ଷ ତୁଳନାରେ ଉନ୍ନତ ପ୍ରଦର୍ଶନ କରି ସର୍ବଭାରତୀୟସ୍ତରରେ ନିଜର ପ୍ରଭୁତ୍ୱ ବିସ୍ତାର କରିଛି।

ଏହି ଶିକ୍ଷାନୁଷ୍ଠାନ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ପ୍ରଥମେ ମେଡିକାଲ ନିମନ୍ତେ ଶିକ୍ଷାଦାନ କରିବା ସହିତ ସରକାରୀ ଭେଷଜ ମହାବିଦ୍ୟାଳୟରେ ସିଟ୍ ନ ପାଇବା ପର୍ଯ୍ୟନ୍ତ ବିନା ମୂଲ୍ୟରେ କୋଚିଂ ପ୍ରଦାନ କରୁଛି। ଫଳରେ ଗୋଟିଏ ବର୍ଷ ମାଗଣା ଶିକ୍ଷାଦାନ ପାଇ ଡାକ୍ତର ହେବାର ଅନେକ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଆଶାର ସଞ୍ଜୀବନୀ ସାଜିଛି ଏହି ଶିକ୍ଷାନୁଷ୍ଠାନ। ମଙ୍ଗଳବାର ପ୍ରକାଶିତ ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ଫଳାଫଳ ଘୋଷଣା ପରେ ସରକାରୀ ଭାବେ ପ୍ରୟାସର ଶତାଧିକ ଛାତ୍ରଛାତ୍ରୀ ସରକାରୀ ଇଂଜିନିୟରିଂ ମହାବିଦ୍ୟାଳୟ ଓ ଏନଆଇଟିରେ ପାଠ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କେବଳ ନିଟ୍ ନୁହେଁ +୨ ଓ ଜେଇଇରେ ମଧ୍ୟ ସଫଳତା ହାସଲ କରି ରାଜ୍ୟର ହାତଗଣତି କେତୋଟି ଶିକ୍ଷାନୁଷ୍ଠାନ ମଧ୍ୟରେ ନିଜର ଆଧିପତ୍ୟ ବିସ୍ତାର କରିଛି। ଚଳିତବର୍ଷର ସଫଳତା ସବୁ ସଫଳତାକୁ ଟପିଯାଇଛି। ଚଳିତଥର ମୋଟ ୬ ଜଣ ଛାତ୍ରଛାତ୍ରୀ ୯୯ ଶତାଂଶରୁ ଅଧିକ ନମ୍ବର ରଖିଥିବାବେଳେ ୭୨ ଜଣ ୯୫ ଶତାଂଶରୁ ଅଧିକ ଓ ୧୧୬ ଜଣ ୯୦ ଶତାଂଶରୁ ଅଧିକ ସହିତ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି।

ଛାତ୍ର ସ୍ୱରୂପ ସ୍ୱାଇଁ ଓ ଉଦୟଜ୍ୟୋତି ରାଉତ ୯୯ ଶତାଂଶରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ଦିବ୍ୟାଂଶୁ ବରାଳ, ଅଂଶୁମାନ ସ୍ୱାଇଁ, ଆତ୍ମସମ୍ଭବ ସାହୁ, ସ୍ୱରୂପ ସ୍ୱାଇଁ, ଉଦୟଜ୍ୟୋତି ରାଉତ, ବିଭୂକଲ୍ୟାଣ ନାୟକ, ଜ୍ୟୋତିପ୍ରକାଶ, ସନ୍ଦୀପ, ପ୍ରିୟବ୍ରତ, ସାଇ ଶୁଭ୍ରା, ପ୍ରିୟଂସୁ, ରୁଦ୍ର, ପ୍ରିୟଙ୍କା, ସମୀକ୍ଷା, ସଙ୍ଗୀତା, ସୁଶ୍ରୀ, ସ୍ନେହାଶିଷ, ଆୟୁଷ, ଶ୍ୱେତଲିନା, ସଞ୍ଜୀବ, ଆଦିତ୍ୟ ଜେଇଇ ମେନ ପ୍ରଥମ ପର୍ଯ୍ୟାୟରେ ସର୍ବଭାରତୀୟ ସ୍ତରରେ ସଫଳତା ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏଭଳି ଅଭୂତପୂର୍ବ ସଫଳତା ପରେ କଲେଜ ପରିସରରେ ଉତ୍ସବର ମାହୋଲ ସୃଷ୍ଟି ହେବା ସହିତ ଆଗାମୀ ଦିନରେ ସଫଳତା ଧାରାକୁ ଉର୍ଦ୍ଧ୍ୱମୁଖୀ କରିବାକୁ ସମସ୍ତ ପ୍ରୟାସ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


ଅଂଶୁମାନ ସ୍ୱାଇଁ


ଆତ୍ମସମ୍ଭବ ସାହୁ


ବିଭୂକଲ୍ୟାଣ ନାୟକ


ଦିବ୍ୟାଂଶୁ ବରାଳ


ସ୍ୱରୂପ ସ୍ୱାଇଁ


ଉଦୟଜ୍ୟୋତି ରାଉତ

# ରାଜକନିକାର ୩ ରାସ୍ତାର ଉନ୍ନତିକରଣ ପାଇଁ ଶୁଭଦାନ



ରାଜକନିକା, ୧୪।୨ (ସମିସ): ଆଜି ପୂର୍ବାହ୍ନରେ ରାଜକନିକା ବ୍ଲକର ପୂର୍ବ କନିକାର ଲାଇଫ ଲାଇନ କୁହାଯାଉଥିବା ନହୁଲିଆ - ଆୟତନ- କୋଇଲିପୁର ୧୦ କିମି, ଆୟତନ -ଝାଡ଼ମାଳ ୭କିମି ସହ ଖୁଲାରୀ-ଗାରଡ଼ପୁର ୫କିମି ରାସ୍ତାର ଉନ୍ନତିକରଣ ପାଇଁ ଆଜି ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଦେବ ଶୁଭ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ନହୁଲିଆ - ଆୟତନ ରାସ୍ତା ସହ ଆୟତନ - କୋଇଲିପୁର ରାସ୍ତା ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ଥିବା ବେଳେ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା ପରେ ଉନ୍ନତିକରଣ କରାଯିବାକୁ ଅଟକଳ କରାଯାଇ କାର୍ଯ୍ୟଆରମ୍ଭ ହୋଇଛି। ତେବେ ନହୁଲିଆ-ଆୟତନ-କୋଇଲିପୁର ରାସ୍ତା ସହ ଆୟତନ -ଝାଡ଼ମାଳ ରାସ୍ତା ପାଇଁ ୨୨କୋଟି ଟଙ୍କା ଅଟକଳ କରାଯାଇଥିବା ବେଳେ ଖୁଲାରୀ ଠାରୁ ଗାରଡ଼ପୁର ରାସ୍ତାକୁ ଗ୍ରାମ୍ୟ ନିର୍ମାଣ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ସହକାରୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

ନିମ୍ନମାନର କାମ ଅଭିଯୋଗ

# ୬ ମାସରେ ଶୋଚନୀୟ ହୋଇପଡ଼ିଛି ରାସ୍ତା

ରାଜକନିକା, ୧୪।୨ (ସମିସ):

ରାଜକନିକା ବ୍ଲକ ଅନ୍ତର୍ଗତ ହାତ ଗଣତି କେତେକ ଗାଁ ଛାଡ଼ିଦେଲେ ପ୍ରାୟତଃ ସବୁଠି ଗ୍ରାମରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଲାଣି। ଅଥଚ ମରାମତି ହେଉ ନ ଥିବାରୁ ଅସନ୍ତୋଷ ବଢ଼ୁଛି। ସୂଚନା ମୁତାବକ ବ୍ଲକର ଯେତେ ସବୁ ଗାଁ ରାସ୍ତାର କଂକ୍ରିଟକରଣ ହୋଇଛି, କେଉଁଠି ବର୍ଷକରେ ଭାଙ୍ଗିରୁଜି ଯାଇଛି ତ ଆଉ କେଉଁଠି ଛ ମାସରେ ବି ବେହାଲ। ଆଉ କେଉଁଠି ବି ଢଳେଇ ରାସ୍ତା ଫାଟି ଯାଇ ରାସ୍ତାରେ ଘାସ ଉଠିଲାଣି। ଏଭଳି ଦୃଶ୍ୟ ସିହୋପଡ଼ା ଗାଁ ମୁଣ୍ଡରେ ଦେଖିବାକୁ ମିଳିଛି। ଏମିତିକି ରାସ୍ତା ଏବେ ଭାଙ୍ଗିତୁଟି ମରଣଯନ୍ତା ପାଲଟି ଗଲାଣି। କେବଳ ଯେ ସିହୋପଡ଼ାର ଏଭଳି ଦୃଶ୍ୟ ତାହା ନୁହେଁ ବରଂ କୈଥାପାଳ ଉଜାଙ୍ଗ ପ୍ରଧାନମନ୍ତ୍ରୀ ରାସ୍ତାର ଅବସ୍ଥା ବି ସେଇଭଳି। ତାସହିତ ହାଟସାହି, ନମତରା, ଦେଉଳତରା, ଆଗପଡ଼ା, ଓଳାଭର, ଦେଉଳସାହି, ବାଲିସାହି ସହିତ ଅନ୍ୟାନ୍ୟ ଗ୍ରାମର



ରାସ୍ତା ଗୁଡିକର ଅବସ୍ଥା ବି ତଦ୍ରୂପ। ରାସ୍ତାର ଏଭଳି ଶୋଚନୀୟ ଅବସ୍ଥାରେ ଲୋକମାନଙ୍କ ଯାତାୟାତରେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ଅଥଚ ରାସ୍ତା ମରାମତି ହେଉନାହିଁ। ସାଧାରଣତଃ ଏହି ରାସ୍ତା ସବୁ ପଞ୍ଚାୟତ ଦ୍ୱାରା ନିର୍ମାଣ ହୋଇଥାଏ। ଏଥିରେ ଭାଗବଣ୍ଟା ବ୍ୟବସ୍ଥା ସହିତ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ଆସିଥିବା ଅର୍ଥର ବାଟ ମାରଣା ହୋଇଥାଏ ବୋଲି ଅଭିଯୋଗ ହୁଏ। ଏହା ବାଦ୍ ବହୁତ କଂକ୍ରିଟ କାମ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ବେଳେ ସେଥିରେ ବି ହରିଲୁଟ ଜଳ ଜଳ ଦିଶୁଥାଏ। କେବଳ ଯେ ଗ୍ରାମ୍ୟ ରାସ୍ତା ଗୁଡ଼ିକର ଏଭଳି ଅବସ୍ଥା ତାହା ନୁହେଁ ବରଂ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ ମଧ୍ୟ ଢେର୍ ଅନିୟମିତତା ହେଉଥିବାର ଅଭିଯୋଗ ହେଉଛି। ଦେଉଳତରାରୁ

ଅଚ୍ୟୁତପୁର ନିର୍ମାଣାଧୀନ ରାସ୍ତାରେ ଏବେବି ଦେଉଳତରା ପାଖରେ ଫାଟି ଗଲାଣି। ହାବଳଗଣ୍ଡ ପାଟଣା ଖରିଅଣ୍ଟା ରାସ୍ତାରେ ଗୋଡିଗୁଡା ଏଣେତେଣେ ବିଛାଡି ହୋଇ ପଡ଼ିବା ଯୋଗୁ ନିମ୍ନମାନର କାମ ହୋଇଥିବା ନେଇ ଜଳ ଜଳ ଦିଶୁଛି। ସେହି ରାସ୍ତାର ନୂଆପଡ଼ା -ଦେଉଳସାହି ରାସ୍ତାର ଅବସ୍ଥା ବି କାମ ନ ସରୁଣୁ ଶୋଚନୀୟ। ପଙ୍କି-ମାନପୁର ଜଳସମ୍ପଦ ବିଭାଗ ରାସ୍ତାର ଛ ମାସ ହୋଇନାହିଁ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିପାଇଁ ଜିଲ୍ଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ବଳଭଦ୍ରପୁରରେ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ

ଡେରାବିଶ, ୧୪।୨ (ସମିସ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ସ୍ଥିତ ମାନାହୁରା ମଠରେ ଶନିବାର ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ସନ୍ଧ୍ୟାରେ ଶେଷ ହୋଇଛି। ଶନିବାର ଯଜ୍ଞର ଅଙ୍କୁରାରୋପଣ ପରେ ସୋମବାର ଆହୂତୀ ପ୍ରଦାନ ଓ ବୈଦିକ ପୂଜାପାଠ ରୀତିନୀତି ଦ୍ୱାରା ସମ୍ପନ୍ନ ହୋଇଥିଲ। ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୁତୀ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ମୁଖ୍ୟ ପୁରୋଧା ଭାବେ ପ୍ରତାପ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଶନ୍ନ ମିଶ୍ର, ବାନାମ୍ବର ସ୍ୱାଇଁ, ଗୋପାଳ ଚନ୍ଦ୍ର ନୟକ ପ୍ରମୁଖ ପରିଚାଳନା କରିଥିଲେ।

## ଭତ୍ତା ବୃଦ୍ଧି ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ

ଡେରାବିଶ, ୧୪।୨ (ସମିସ): ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଆଜି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ ଯୋଗଦେଇ ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ୫୦୦ ଟଙ୍କା ଭତ୍ତା ବୃଦ୍ଧି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଡ଼ିଓ ଦାସରଥି ଜେନା ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଏଣ୍ଡର ପଞ୍ଚାୟତରେ ୧୪ଟି ପ୍ରକଳ୍ପ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୭୫୩ ପରିବାର ମୋଟ ୬୦୭୨ ହିତାଧିକାରୀ ଉପକୃତ ହୋଇ



ପାରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଯୋଗଦେଇ ଶିକ୍ଷାର ଅଭିବୃଦ୍ଧି ପାଇଁ '୫-ଟି' ଯୋଜନାରେ ବିଦ୍ୟାଳୟ ଗୁଡ଼ିକର ରୁପାନ୍ତରିକରଣ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ କରୁଣାକର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି ଓ ସଞ୍ଜୟ କୁମାର ଜେନା ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅରକ୍ଷିତ କାଣ୍ଡି ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ମଲିକ, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟ ଧନେଶ୍ୱର ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ, ସମିତିସଭ୍ୟ ଫନିନ୍ଦ୍ର ବେହେରା, ବିପିନ ବିହାରୀ ସାହୁ, ପୂର୍ଣ୍ଣାନନ୍ଦ ବେହେରା, ଶିକ୍ଷାବିତ ଗୌରାଙ୍ଗ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସହରାଞ୍ଚଳ ବିକାଶ ସମ୍ପର୍କରେ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୧୪।୨ (ସମିସ): ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ସରକାରଙ୍କର ସଂକଳ୍ପ ହେଉଛି ସହରାଞ୍ଚଳର ବିକାଶ ଓ ସର୍ବପୁରାତନ କେନ୍ଦ୍ରାପଡ଼ା ପୌରପରିଷଦ ଅଧୀନରେ ଥିବା ୱାର୍ଡଗୁଡିକର ଉନ୍ନତିକରଣ କରିବାକୁ ନିଆଯାଉଥିବା ଜନହିତକର କାର୍ଯ୍ୟକ୍ରମଗୁଡିକ ବିଷୟରେ ସଚେତନତା ସୃଷ୍ଟି ପାଇଁ ପୌରପରିଷଦ ପକ୍ଷରୁ ସଚେତନତା ଶିବିର ଆୟୋଜନ କରାଯାଉଛି। ଇଚ୍ଛାପୁରଠାରେ ଆୟୋଜିତ ସଚେତନତା ଶିବିରରେ ପୌରଧକ୍ଷା ସରିତା ସାହୁ, ଉପାଧକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ଏବଂ ୱାର୍ଡ ନମ୍ବର ୧, ୩, ୬, ୭, ୮, ୯ର କାଉନସିଲର, କେନ୍ଦ୍ରାପଡ଼ା ବ୍ଲକର ବି.ଏସ.ଏସ.ଓ, ପି.ଏଚ.ଡି.ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଭାବଗ୍ରାହୀ କଳାନିକେତନ କଳାକାରମାନଙ୍କ ଦ୍ୱାରା ପାଲା ମାଧ୍ୟମରେ ପୌରପରିଷଦ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।



## ବନ୍ଧକଟା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



ମାର୍ଶାଘାଇ, ୧୪।୨ (ସମିସ): ମାର୍ଶାଘାଇ ବ୍ଲକ ବନ୍ଧକଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗୌତମ ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ପ୍ରମୋଦ କୁମାର ରଥ, ସମ୍ମାନିତ ଅତିଥି ବିମଳେନ୍ଦୁ ପ୍ରକାଶ ସ୍ୱାଇଁ, ସୁଶାନ୍ତ କୁମାର ମହାନ୍ତି, ଯମପଡ଼ା ସରପଞ୍ଚ ମନୋକାନ୍ତ ପରିଡ଼ା, ସମିତିସଭ୍ୟ ରମେଶ ଭୋଇ, ସ୍ମୃତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନ ଅଭିମୁଖୀ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ୧ହଜାରକୁ ବୃଦ୍ଧି, ଯୁବକମାନଙ୍କୁ ଏକଲକ୍ଷ ବିନା ସୁଧରେ ଋଣ ବ୍ୟବସ୍ଥା ଓ ଯୁକ୍ତ ତିନ ଛାତ୍ରଛାତ୍ରୀଙ୍କ ସହାୟତା ବ୍ୟବସ୍ଥା ଦ୍ୱାରା ସବୁବର୍ଗ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାନତା ପରିଚୟ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ବିଘ୍ନେଶ୍ୱର ନାୟକ ପରିଚାଳନାକରିଥିଲେ। ସାଇନାଥ କଳାପରିଷଦ ତରଫରୁ ସୁବ୍ରତ ରାଉତ ସାଂସ୍କୃତ କାର୍ଯ୍ୟକ୍ରମ ପରିଚାଳକ ପିଇଓ ଶଙ୍କର ହେମ୍ବ୍ରମ ନାଏବ ସରପଞ୍ଚ ସରୋଜିନି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଦୁର୍ଘଟଣାରେ ଆହତଙ୍କ ପାଇଁ ଦେବଦୂତ ଦୀପୁ ସମ୍ବର୍ଦ୍ଧିତ

କୁଜଙ୍ଗ, ୧୪।୨ (ସମିସ): କଟକ-ପାରାଦ୍ୱୀପ ରାସ୍ତା ହେଉ କିମ୍ବା ପାରାଦ୍ୱୀପ ଚଣ୍ଡିଖୋଲ ରାସ୍ତା ଯେଉଁଠି ଦୁର୍ଘଟଣା ଘଟେ ସେଠାରେ ଗୋଟିଏ ଚେହେରା ଅଧିକାଂଶ ସମୟ ଦେଖିବାକୁ ମିଳେ। ସେ ହେଉଛନ୍ତି ମଙ୍ଗରାଜପୁର ପଞ୍ଚାୟତ ହସିଣା ଗ୍ରାମର ଯୁବ ସମାଜସେବୀ ପଙ୍କଜ ତରାଇ(ଦୀପୁ)। ଦୀପୁ ବ୍ୟବସାୟ ଦୁର୍ଘଟଣା ଗ୍ରସ୍ତ ଅସହାୟ ଲୋକଙ୍କ ସାହାୟତା କରିବା ଇତିମଧ୍ୟରେ ୧୦ ବର୍ଷ ହେଲାଣି। ଏଥିପାଇଁ ସାମାଜିକ ଗଣମାଧ୍ୟରେ ସଦୁପଯୋଗ କରି ଦୁର୍ଘଟଣା ସମୟରେ ତ୍ୱରିତ ଭାବେ ପହଞ୍ଚିବା ଓ ତୁରନ୍ତ ପୀଡିତଙ୍କ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନା ଓ ଯାହାର ପରିବା ଲୋକେ ପହଞ୍ଚିନଥିବେ କଟକ ସାଥିରେ ଯିବା ତାଙ୍କର ଏକ ନିତିଦିନିଆ ଅଭ୍ୟାସ। ଏବେ ସେ ଯୁବକମାନଙ୍କୁ ରାସ୍ତାରେ ଗାଡି ଚଲାଇବାର ନିୟମ ଓ ଅନ୍ୟାନ୍ୟ ବିଷୟରେ ସଚେତନ କରିଆସୁଛନ୍ତି। ଦୀପୁଙ୍କ ଏହି ନିସ୍ୱାର୍ଥ ସେବା ପାଇଁ ସାହିତ୍ୟ ଓ ସେବା ଅନୁଷ୍ଠାନ କୁଜଙ୍ଗ ଅବନାଘର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରୋତ୍ସାହିତ କରାଯାଇଛି। ଏହି ଅବସରରେ ଅବନା ଘରର ପ୍ରତିଷ୍ଠାତା ଗିରୀଧାରୀ ସାହୁଙ୍କ ପୌରୋହିତ୍ୟରେ ସଭ୍ୟ ନୃସିଂହ ରାଉତ, ଅବଦୁଲ୍ ଖାନ୍, ବାସୁଦେବ ନାୟକ, ଦିଲୀପ ଖଟୁଆ, ମନୋରଞ୍ଜନ ରାଉତ, ସୌଭାଗ୍ୟ ସାହୁ, ନିର୍ମଳ ସାହୁ, ଆଇନଜୀବୀ ବିଚିତ୍ରାନନ୍ଦ ସ୍ୱାଇଁ, ସୌରଭ ସାହୁ ପ୍ରମୁଖ ତାଙ୍କର ଏହି ନିଆରା ଓ ପ୍ରେରଣାପ୍ରଦ ସେବା କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରିଛନ୍ତି।

## ପଞ୍ଚକଳା ଶିକ୍ଷାନୁଷ୍ଠାନ ପାୟଲ ମ୍ୟୁଜିକ୍ ସ୍କୁଲର ବାର୍ଷିକୋତ୍ସବ



କେନ୍ଦ୍ରାପଡ଼ା, ୧୪।୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବବୃହତ ପଞ୍ଚକଳା ଶିକ୍ଷାନୁଷ୍ଠାନ ପାୟଲ ମ୍ୟୁଜିକ୍ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସର(ଇନ୍ଦୁପୁର)ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାୟଲ ମ୍ୟୁଜିକ୍ ସ୍କୁଲର ଚିତ୍ରକଳା ବିଭାଗ ଗୁରୁ ପୁଷ୍ପାଞ୍ଜଳି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠାନର ରଙ୍ଗତରଙ୍ଗରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଏହି ଚିତ୍ରକଳା ପ୍ରଦର୍ଶନୀରେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଫାଇନ୍ ଆର୍ଟ, ପୋଟ୍ରେଟ, ଭାରତୀୟ ଚିତ୍ରକଳା, ପଟ୍ଟଚିତ୍ର, ଝୋଟି, ରଙ୍ଗୋଲି, ମେହେନ୍ଦି, କ୍ଲାସିକ, ଟ୍ରାଇବାଲ, ଆର୍ଟ ଆଣ୍ଡ କାର୍ଫ୍ଟ ପ୍ରଭୃତି ସ୍ଥାନ ପାଇଥିଲା। ଏହି ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତିୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟ ଶିଳ୍ପୀ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଓଡିଶୀ ସଙ୍ଗୀତ ବିଭାଗର ଅଧ୍ୟାପିକା ଭାରତୀ ଜେନା, ଓଡିଶୀ ସଙ୍ଗୀତ ଗୁରୁ ପ୍ରଶାନ୍ତ କୁମାର ସାମଲ, ଓଡିଶୀ ନୃତ୍ୟ ଗୁରୁ ସୁଜାତା ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ୫ନଂ. ଜିଲ୍ଲା ପରିଷଦ ସଭ୍ୟ ଲିଲିତା ଦାସ, ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୁତାର, ସମିତି ସଭ୍ୟ ସୁନନ୍ଦା ମଲ୍ଲିକ, ସଭାପତି ନୀଳମାଧବ ପତି ଓ ପ୍ରମୋଦ କୁମାର ପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ପିଲାମାନଙ୍କୁ ଚିତ୍ରକର ଭାବେ ଗଢି ତୋଳିବା ପାୟଲ ମ୍ୟୁଜିକ୍ ସ୍କୁଲର ପ୍ରଚେଷ୍ଟା ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଦେବାଶିଷ ସାମଲ କହିଛନ୍ତି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ, ୧୪।୨ (ସମିସ):

ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବଳଭଦ୍ରପୁର ପଞ୍ଚାୟତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି। ବଳଭଦ୍ରପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହିତ ରାଜ୍ୟରେ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ସରକାରୀ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ସରପଞ୍ଚ ପ୍ରିୟବ୍ରତ ଓଝାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସମିତିସଭ୍ୟ କୈଳାଶ ପରିଡ଼ା, କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ ରାଉତ, ସମବାୟସମିତି ନିର୍ଦ୍ଦେଶକ ଅଶୋକ ମଲିକ, ସମାଜସେବୀ ସୂର୍ଯ୍ୟକାନ୍ତ ରାଉତ, ପିଇଓ ରାମକୃଷ୍ଣ ହାଲଦାର, ଜିଆର୍‌ଏସ୍ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ।

ମହାକାଳପଡ଼ା : ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ନେଇ କରାଯାଉଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ମଙ୍ଗଳବାର ମହାକାଳପଡ଼ା ବ୍ଲକର ଯଦୁପୁର ଏବଂ ଜୟଚନ୍ଦ୍ରପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଯଦୁପୁର ସରପଞ୍ଚ ସଂଯୁକ୍ତା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତି ସଭ୍ୟା ସସ୍ମିତା ରାଉତ, ଯଦୁପୁର ସମବାୟ ସମିତି ସଭାପତି ଶ୍ରୀକାନ୍ତ ଜେନା, ବ୍ଲକ ମିଶନ ଶକ୍ତି ସଂଯୋଜିକା ସମ୍ପନ୍ନା ପତି, ସମାଜସେବୀ ଶ୍ରୀକାନ୍ତ ବେଉରା, ରମେଶ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଇନ୍ଦ୍ରମଣି ନାୟକ ମଞ୍ଚ ପରିଚାଳନା କରିଥିଲେ।

ସେହିପରି ଜୟଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ପ୍ରିୟଙ୍କା ସାମଲ ସଭାପତିତ୍ୱ କରିଥିବା ବେଳେ ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ରାଉତ, ୨୧ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଅନୁରାଧା ସ୍ୱାଇଁ, ସମିତି ସଭ୍ୟା କଲ୍ୟାଣୀ ରାଉତ, ଛାତ୍ର ନେତା ହେମନ୍ତ କୁମାର ସାହୁ, ଧର୍ମପଦ ଦାସ, ପ୍ରଣୟ ସାମଲ ଅତିଥି ଭାବେ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁକୁମାର ମଣ୍ଡଳ, ଯୁବନେତା କୁନାଲ ବସନ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପକ୍ଷାଘାତର ପୀଡ଼ିତାଙ୍କୁ ସହାୟତା

ଡେରାବିଶ, ୧୪।୨ (ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅର୍ନ୍ତଗତ ଦାନପୁର ଗ୍ରାମର ଜଣେ ପକ୍ଷାଘାତ ପୀଡ଼ିତା ମହିଳାଙ୍କୁ ସମାଜସେବୀ ମନୀଷା ପଣ୍ଡା ସହାୟତା ପ୍ରଦାନ କରିଛନ୍ତି। ଦାନପୁର ଗ୍ରାମର ଧ୍ରୁବ ଚରଣ ଯେନାଙ୍କ ପତ୍ନୀ ହେମଲତା ଯେନା (୭୦) ଗତ ଦୁଇ ବର୍ଷ ହେଲା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ପଡ଼ି ରହିଛନ୍ତି। ଏବେ କେବଳ ୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତାରେ ଔଷଧ ଖାଇବା ପାଇଁ ମଧ ଟଙ୍କା ଅଣ୍ଟୁନାହିଁ। ସମାଜସେବୀ ମନୀଷା ପଣ୍ଡା ପୀଡ଼ିତା ହେମଲତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଦକ୍ଷବ୍ରହ୍ମପୁର ଗ୍ରାମର ରାଜେନ୍ଦ୍ର ସାମଲ ଓ ଚାନ୍ଦୋଳ ପଞ୍ଚାୟତର ହରିହର ମଳିକ ଉପସ୍ଥିତ ଥିଲେ।



## ମନୀଷାଙ୍କ ଘର ଘର ବୁଲା କାର୍ଯ୍ୟକ୍ରମ

ପଞ୍ଚୁପାଣ୍ଡବ, ୧୪।୨ (ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତରେ ବିଜେପି ତରଫରୁ ଘର ଘର ବୁଲି ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନତା କରାଯାଇଛି। ଜିଲ୍ଲା ସମ୍ପାଦିକା ମନୀଷା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭୁଜବଳ ଗ୍ରାମରୁ ଆରମ୍ଭ କରି ପଞ୍ଚାୟେତ ବୁଲିଥିଲେ। ୧୩ନଂ ଜୋନ୍ ସଭାପତି ଅଶୋକ ସାହୁ, ଲଲାଟେନ୍ଦୁ ସିଂ, ଶରତ କର, ମନିନ୍ଦ୍ର ମଲିକ ଓ ଗୌରାଙ୍ଗ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

